ଧରିତ୍ରୀ
DHARITRI
November 21-27, 2021 ₹ 2/-

# ଛୁଟିଦିନ



୩
ପ୍ରଚ୍ଛଦ ପ୍ରସଙ୍ଗ

## ଭିନ୍ନ ଏଇ ପରମ୍ପରା

ପ୍ରଥା ପରମ୍ପରା କ୍ରମେ ଚଳଣିରେ ସାମିଲ ହୋଇଯାଇଛି ନା ଚଳଣିରୁ ପ୍ରଥା ପରମ୍ପରାର ସୃଷ୍ଟି । ଏହା ତ ଭିନ୍ନ କଥା, କିନ୍ତୁ ଏମିତି କିଛି ଅଜବ ପ୍ରଥା ପରମ୍ପରା ରହିଛି, ଯାହାକୁ ନେଇ କୌଣସି ଯୁକ୍ତି ବି ନାହିଁ ତଥାପି ପୁରୁଷ ପୁରୁଷ ଧରି ଚାଲିଆସିଛି...



୮/୯
ସିନେମା

# ପକ୍ଷୀ ବି ଦେଇଥାନ୍ତି ଭବିଷ୍ୟତର ସଙ୍କେତ

**କେତେକ ପକ୍ଷୀ ଦେଖିବାକୁ ଯେମିତି ସୁନ୍ଦର ହୋଇଥାନ୍ତି ସେମିତି ଆକର୍ଷଣୀୟ ବି ହୋଇଥାଏ ସେମାନଙ୍କ ସ୍ୱର। ଆଉ ଏହି ପକ୍ଷୀମାନେ ମଧ୍ୟ ବେଳେବେଳେ ଆମକୁ ଭବିଷ୍ୟତର ସଙ୍କେତ ଦେଇଥାନ୍ତି। ତେବେ କେଉଁ ପକ୍ଷୀ କିଭଳି ସଙ୍କେତ ଦେଇଥାନ୍ତି ଆସନ୍ତୁ ଜାଣିନେବା ସେ ସମ୍ପର୍କରେ–**

*ଯଦି କୌଣସି ସ୍ଥାନରେ ଏକାଧିକ କାଉ ବସି କର୍କଶ ରାବ ଦେଉଥିବାର ଦେଖନ୍ତି ତା'ହେଲେ ସେ ସ୍ଥାନ ଛାଡ଼ି ଶୀଘ୍ର ପଳାଇଯିବା ଉଚିତ। କାରଣ ଏହା କୌଣସି ବିପଦ ବା ଅଶୁଭ



ଘଟଣାର ସଙ୍କେତ ଦେଇଥାଏ।

*ଅନ୍ୟପକ୍ଷେ କାଉଟିଏ ପାଣି ପାତ୍ରରୁ ପାଣି ପିଉଥିବାର ଅବା ଖାଦ୍ୟ ଧରି ଉଡ଼ିଯାଉଥିବାର ଦୃଶ୍ୟ ଶୁଭ ସୂଚନା ଦେଇଥାଏ। ତେଣୁ ପ୍ରତ୍ୟେକେ ନିଜ ନିଜ ଘର ସମ୍ମୁଖରେ ପକ୍ଷୀଙ୍କ ପିଇବା ପାଇଁ ପାଣିପାତ୍ର ରଖିବା ଦରକାର। ଏହାଦ୍ୱାରା ଘରେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି।

*ଘରର ଛାତ ଉପରେ ପେଚା ବସିବା ବା ପେଚା ବୋବାଇବାର ଶବ୍ଦ ଶୁଣିବା ଅଶୁଭ ହୋଇଥାଏ। ଏହାଦ୍ୱାରା ଆଗକୁ କିଛି ବିପଦ ଆସୁଛି ବୋଲି ସୂଚନା ମିଳିଥାଏ। କିନ୍ତୁ ଧଳା ରଙ୍ଗର ପେଚା ଦେଖିବା ଶୁଭ ସଙ୍କେତ ଦେଇଥାଏ। କୁହାଯାଏ, ଧଳା ପେଚା ଦେଖିଲେ ଧନସମ୍ପତ୍ତି ବୃଦ୍ଧି ହୋଇଥାଏ।

*କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଯାଉଥିବାବେଳେ ବାଟରେ ଯଦି ମୟୂର ଦେଖିବାକୁ ମିଳେ କିମ୍ବା ତା'ର ସ୍ୱର ଶୁଣିବାକୁ ମିଳେ ତା'ହେଲେ ଏହା ଅତ୍ୟନ୍ତ ଶୁଭ ହୋଇଥାଏ।

*ଚଢ଼େଇମାନେ ମୁଖ୍ୟତଃ ଡରୁଆ ସ୍ୱଭାବର ହୋଇଥାନ୍ତି। କିନ୍ତୁ ଯଦି କାହାରି ଘରକୁ ବହୁ ସଂଖ୍ୟାରେ ଚଢ଼େଇ ବିନା ଡରରେ ଯା'ଆସ କରୁଥାନ୍ତି, ଖାଦ୍ୟ ଖାଉଥାନ୍ତି, ତା'ହେଲେ ସେ ଘରେ ସକାରାତ୍ମକ ଉର୍ଜା ଖୁବ୍ ରହିଛି ବୋଲି ବୁଝିନେବା ଉଚିତ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୨୧-୨୭

### ମେଷ
ଅସ୍ଥିରତା ଦୂରହେବ, ରଣଚିନ୍ତା ରହିବ, ସନ୍ତାନଙ୍କ ଗୌରବ, ସହକର୍ମୀଙ୍କ ସହୃଦୟତା, ନୂତନଦାୟିତ୍ୱର ସୁଯୋଗ। ପାରିବାରିକ ମତାନ୍ତର, ଲେଖାପଢାରେ ଉନ୍ନତି, ବ୍ୟବସାୟିକ ଉତ୍କର୍ଷତା, ପ୍ରଶାସନିକ ନିର୍ଦ୍ଦେଶ, ରୋଗପୀଡା କମିବ।

### ବୃଷ
ମିତ୍ରବନ୍ଧୁ ମିଳନ, ସ୍ୱାସ୍ଥ୍ୟସମସ୍ୟାର ଦୁଃଶ୍ଚିନ୍ତା, ଜମିଜମା କାରବାର, ପୁରାତନ ଗୃହ ମରାମତି, ଯାନ୍ତ୍ରିକ ଜିନିଷକ୍ଷତି, ବିବାଦରୁ ଦୂରେଇ ରହନ୍ତୁ, ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତତା, ପ୍ରକାଶନରେ ବିଳମ୍ବ, ନିର୍ମାଣରେ ଆଂଶିକ ସଫଳତା।

### ମିଥୁନ
ଅନୁକୂଳ ପରିବେଶ, ବନ୍ଧୁଙ୍କ ଆଦର ଗୌରବ, ଖୋଜୁଥିବା ଜିନିଷ ପାଇବେ, କୌଶଳପୂର୍ଣ୍ଣ କାର୍ଯ୍ୟାବଳୀ। କୁଟନୈତିକ ବିଜୟ, ପ୍ରିୟଜନଙ୍କ ସାନ୍ନିଧ୍ୟ, ପରୋକ୍ଷଶତ୍ରୁତାର ସୂଚନା, ବିପଦଗ୍ରସ୍ତ ବନ୍ଧୁଙ୍କୁ ସାହାଯ୍ୟ, ପୁରାତନ ଜିନିଷର ମରାମତି।

### କର୍କଟ
ସରଗରମ ଆଲୋଚନା, ଦୁଃସାହାସିକ କାମ, ସଫଳତା ପାଇବେ, ବନ୍ଧୁଙ୍କ ଝଗଡା। ଯାନବାହାନ ଚାଳନାରେ ସମସ୍ୟା, ଆନୁଷ୍ଠାନିକ କାମରେ ସତର୍କତା, ମାଲିମକଦ୍ଦମାରେ ଦୁଃଶ୍ଚିନ୍ତା, ରକ୍ତଚାପ ବୃଦ୍ଧି, ରଚନାତ୍ମକ କାମରେ ନିଷ୍ଠା।

### ସିଂହ
ନିରଙ୍କୁଶ ଶାସନ, ଆକର୍ଷଣୀୟ ବ୍ୟକ୍ତିତ୍ୱ, ବଳିଷ୍ଠ ଯୁକ୍ତି। ରପ୍ତାନୀ ବାଣିଜ୍ୟରେ ଉନ୍ନତି, ସମସ୍ୟାର ପରିସମାପ୍ତି। ପାରିବାରିକ ସମସ୍ୟା, ପ୍ରିୟବନ୍ଧୁଙ୍କ ସାନ୍ତ୍ୱନା, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନୀ, ଅର୍ଥସଂକଟ ଦୂରହେବ।

### କନ୍ୟା
ସୌଭାଗ୍ୟ ଲାଭ, ଜୀବନଚର୍ଯ୍ୟାରେ ଉନ୍ନତି, ଉପକାର ପାଇବେ, ବ୍ୟବସାୟରେ ଝଗଡା, କଠୋର ପରିଶ୍ରମ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତାରେ ଗୌରବ, ଏଜେନ୍ସିପ୍, ଗଣ ଯୋଗାଯୋଗରେ ପ୍ରଶଂସା, ଆଇନର ସହାୟତା।

### ତୁଳା
ପ୍ରତିବନ୍ଧକ ଦୂରହେବ, ସୁଯୋଗର ଆଭାସ, ଗୃହନିର୍ମାଣର ଟେନ୍ସନ, ଯାନବାହାନ ମରାମତି, ବିଳମ୍ବିତ କାର୍ଯ୍ୟ, ଲୌହବୈଦ୍ୟୁତ କାରବାରରୁ ଲାଭ, ଅର୍ଥ ସଂକଟ ଘନେଇବ, ମନୋରଞ୍ଜନ କାର୍ଯ୍ୟକ୍ରମ।

### ବିଛା
ଉତ୍ତେଜନାମୂଳକ ପରିସ୍ଥିତି, ଘରୋଇ କଳହରୁ ଅଶାନ୍ତି, ସଭାସମିତିକୁ ସମ୍ମାନ, ଆନୁଷ୍ଠାନିକ କାମରେ ଅଗ୍ରଣୀ, ଯାତ୍ରାରୁ ସୁଫଳ। ଆର୍ଥିକ ଅଭିବୃଦ୍ଧି, ଯୋଜନାର ବାସ୍ତବତା, ସନ୍ତାନଙ୍କ ବିଶୃଂଖଳା, ସ୍ତ୍ରୀଙ୍କ ସୁପରାମର୍ଶ।

### ଧନୁ
ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକସ୍ଥିତି ବିଗିଡିବ, ଘାତପ୍ରତିଘାତ ଆସିପାରେ, ପଦ୍ମ ଘୁଂଚିଘୁଂଚି ଯାଇପାରେ, ବନ୍ଧୁଙ୍କ ବାଟକୁ ଚାହିଁ ବସିବେ, ଅନ୍ୟମନସ୍କ ରହିପାରନ୍ତି। ସ୍ତ୍ରୀଙ୍କ ପ୍ରେରଣାଲାଭ, ମହାଜନୀ ଚାପ। ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ।

### ମକର
ସମୟୋଚିତ ପଦକ୍ଷେପ, ପ୍ରଗାଢ ପରିଶ୍ରମ, କର୍ମକ୍ଷେତ୍ରରେ ପ୍ରଶଂସା, ଅନୁକୂଳ ବାତାବରଣ। ଅସୁବିଧା ରହିବନି, ଗବେଷଣାରେ ସୁନାମ, ଅର୍ଥସଂକଟର ଦୁଃଶ୍ଚିନ୍ତା, ବନ୍ଧୁମାନଙ୍କ ସାହାଯ୍ୟ, ପାରିବାରିକ ସୁସମ୍ପର୍କ।

### କୁମ୍ଭ
ଅବାସ୍ତବ କଳ୍ପନା, ମାନସିକ ବିଭ୍ରାନ୍ତି , ଦାମ୍ପତ୍ୟ ଜୀବନରେ ସନ୍ଦେହ, ସମସ୍ୟା ବହୁଳଜୀବନ, ନୂତନ ଯୋଜନାରମ୍ଭ, ରାଜନୈତିକ ବିବାଦ, ବୁଝାମଣା ବଦଳିଯିବ, ଅର୍ଥସଂପଦ ଲାଭ, ବିଦେଶଯାତ୍ରାର ସୁଯୋଗ, ତୀର୍ଥାଟନ ପାଇଁ ପ୍ରସ୍ତୁତି।

### ମୀନ
ମିତ୍ର ଲାଭ, କଳାପ୍ରିୟ ହେବେ, ଭ୍ରମଣର ପରିକଳ୍ପନା, ହୋଟେଲ ଶିଳ୍ପରେ ଉନ୍ନତି, ଲଢେଇକରି କାମ ହାସଲ, ପାରିବାରିକ ସହମତି, ଲୋକସମ୍ପର୍କ ବଢିବ, ମାନସିକ ଚାପ ବୃଦ୍ଧି, ପାରସ୍ପରିକ ଦୋଷାରୋପ, ବିଳାସବ୍ୟସନର ମଉକା।

# ମଶା ଘଉଡ଼ାଇବାର ଘରୋଇ ଉପାୟ

ଘରେ ମଶା ହେବାଦ୍ୱାରା ମ୍ୟାଲେରିଆ, ଡେଙ୍ଗୁ, ଚିକେନ୍‌ଗୁନିଆ ଭଳି ମାରାତ୍ମକ ରୋଗ ହେବାର ଆଶଙ୍କା ରହିଥାଏ। ତେଣୁ ଆମେ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ କେମିକାଲ୍ ଯୁକ୍ତ ମଶାମରା କଏଲ୍ ବା ଲିକ୍ୟୁଡିର ବ୍ୟବହାର କରିଥାଉ। କିନ୍ତୁ ଏହି କେମିକାଲ୍ ଯୁକ୍ତ ମଶାମରା ଔଷଧର ବ୍ୟବହାର ସ୍ୱାସ୍ଥ୍ୟ ପକ୍ଷେ ଆଦୌ ହିତକର ନୁହେଁ। ତେଣୁ ମଶାଙ୍କୁ ଘଉଡ଼ାଇବା ପାଇଁ ସହଜ ଘରୋଇ ଟିପ୍ସ ହେଲା: ୨ଚାମଚ ନିମ୍ବ ତେଲ ଓ ୪ ଚାମଚ ନଡ଼ିଆ ତେଲକୁ ମିଶାଇ ସେଥିରେ କିଛି କର୍ପୂର ଗୁଣ୍ଡ ପକାଇ ଦିଅନ୍ତୁ। ତା'ପରେ ସେହି ତେଲରେ ଦୀପ ଲଗାଇ ମଶା ହେଉଥିବା ସ୍ଥାନରେ ରଖିଦେଲେ ମଶା କାମୁଡ଼ିବା ତ ଦୂର କଥା ଆଖପାଖରେ ମଶା ଉଡ଼ିବେ ହିଁ ନାହିଁ। ତା'ଛଡ଼ା ଏହି ଜଳନ୍ତା ଦୀପରୁ ଯେଉଁ ବାସ୍ନା ଆସିଥାଏ ତାହା ଆପଣଙ୍କ ପରିବେଶକୁ ଜୀବାଣୁ ମୁକ୍ତ କରିବା ସହ ଆପଣଙ୍କ ଶରୀର ଓ ମସ୍ତିଷ୍କକୁ ସୁସ୍ଥ ରଖିବାରେ ମଧ୍ୟ



ବେଶ୍ ସହାୟକ ହୋଇଥାଏ। ଅନ୍ୟପକ୍ଷେ କୁହାଯାଏ, ଝୁଣା ଧୂପ ଜାଳିଲେ ଅବା ଝୁଣା ଧୂଆଁ ଦେଲେ ବି ଘରେ ସକାରାତ୍ମକ ଉର୍ଜା ଉପନ୍ନ ହେବା ସହ ଘରୁ ମଶା ଦୂର ହୋଇଯାନ୍ତି।

# ପାଠକୀୟ

*କେତେଜଣ କର୍ମନିଷ୍ଠ ବ୍ୟକ୍ତି ବୟସକୁ, ଅବସରକୁ ପଛରେ ପକାଇ କରିଚାଲନ୍ତି ନିରନ୍ତର କାମ ; ଯେଉଁଥିପାଇଁ ସେମାନେ ଅନ୍ୟମାନଙ୍କ ପାଖରେ ପାଲଟି ଯାଆନ୍ତି ଉଦାହରଣ। ତେଣୁ ଏଭଳି ଏକ ପ୍ରେରଣାଦାୟୀ ଆଲେଖ୍ୟକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଅବସର ପରେ'ଟି ମୋ ମନକୁ ବେଶ୍ ଛୁଇଁ ଯାଇଥିଲା। 'ଝାଡୁ କରିବାକୁ ନେଇ କ'ଣ ରହିଛି ନିୟମ' ସେ ସମ୍ପର୍କରେ ଛୁଟିଦିନରୁ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ପିଜୁଳିର ଉପକାରିତା ଏକ ଶିକ୍ଷଣୀୟ ଆଲେଖ୍ୟ ଥିଲା।

*–ରୋଶ୍‌ନୀ ସ୍ୱାଇଁ, ଷ୍ଟେଶନ ରୋଡ୍, ଖୋର୍ଦ୍ଧା*

*ଜୀବନ କର୍ମମୟ। କର୍ମ ହିଁ ଜୀବନ। ତେଣୁ ମଣିଷ କାମ କରେ। ହେଲେ ବୟସର ଅପରାହ୍ଣରେ ପହଞ୍ଚିଲା ପରେ ଧାଁ ଦଉଡ଼ ଜୀବନରୁ ସେ ନିଏ କିଛିଟା ବିରତି। ତେବେ କେତେଜଣ ବ୍ୟକ୍ତି ବିଶ୍ୱାସ କରନ୍ତି ଭାଗବତ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିବା– 'କର୍ମଣ୍ୟେୱାଧିକାରସ୍ତେ ମା' ଫଳେଷୁ କଦାଚନ' ବଚନକୁ। ତେଣୁ ସେମାନେ ଅବସର ପରେ ବି କରିଚାଲିଛନ୍ତି କର୍ମ। ଏଭଳି ଏକ ନିଆରା ବିଷୟକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଅବସର ପରେ'ଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। 'ଦାମୀ ଖଟ' ପାଠଟିରୁ କେତେକ ନିଆରା ଡିଜାଇନ୍‌ର ଖଟ ସମ୍ପର୍କରେ ଜାଣିହେଲା।

*–ଧନ୍ୱନ୍ତରୀ ବଳିୟାରସିଂ, ରାଣୀହାଟ, କଟକ*

*ବ୍ୟକ୍ତିତ୍ୱ ପୃଷ୍ଠାରୁ ଲୋକପ୍ରିୟ ଶିଶୁ ସାହିତ୍ୟିକ, ଗାଳ୍ପିକ, ଔପନ୍ୟାସିକ ଡ. କୃତିବାସ ନାୟକଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ପୁଣ୍ୟ' ନାମକ ଗପଟି ମୋ ମନକୁ ବେଶ୍ ଛୁଇଁ ଯାଇଥିଲା। ସେହିପରି 'ତୁମେ ଆସିପାର', 'ଧୂଆଁ' ନାମକ କବିତା ଦୁଇଟି ବି ବେଶ୍ ମର୍ମସ୍ପର୍ଶୀ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'କଙ୍ଗନାଙ୍କ ଅଗ୍ନି ଅବତାର', 'ମନୋଜର ମନ କଥା' ଏବଂ 'ସମାଜସେବୀ ସୂର୍ଯ୍ୟା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଅତି ହୃଦୟସ୍ପର୍ଶୀ ହୋଇପାରିଥିଲା।

*–କୈଳାଶ ଚନ୍ଦ୍ର ବଳବନ୍ତରାୟ, ରାୟପୁର*

*ପ୍ରଥମ ରୋଜଗାର ସ୍ତମ୍ଭରୁ ଶିଶୁ ସାହିତ୍ୟିକ ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ପଢ଼ିଲି ବେଶ୍ ଖୁସି ଲାଗିଲା। 'ବୁଣାକାରଙ୍କ ଗାଁ ଗୋପାଳପୁର' ସମ୍ପର୍କରେ ଅନେକ ଅଜଣା କଥା ଏଥରର ଛୁଟିଦିନରୁ ଜାଣିହେଲା। ମଡେଲ୍ ମିରର୍‌ରେ ମିଠି ବେଶ୍ ସୁନ୍ଦରୀ ଲାଗୁଥିଲେ। *–ଅତୀଶ ଶତପଥୀ, ସମ୍ବଲପୁର*

*ସହରଠୁ ଦୂର ପୃଷ୍ଠାରୁ ଆନ୍ଧ୍ରପ୍ରଦେଶର ସାଂସ୍କୃତିକ ରାଜଧାନୀ ରାଜମହେନ୍ଦ୍ରୀ ସମ୍ପର୍କରେ ଅନେକ କଥା ଜାଣି ଖୁସି ଲାଗିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଆଇସ୍‌କ୍ରିମ ସମାଧିପୀଠ', 'ଦୁଃସାହସିକ ମାଇକ୍' ଏବଂ 'ଫୁଲ ପରି ବନ୍ଧାକୋବି' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ହୃଷୀକେଶ ପ୍ରଧାନ, ଭବାନୀପାଟଣା*

## ବିଶେଷ ଚିଠି



ଆହେ ମୋର ପ୍ରିୟ ଛୁଟିଦିନ
ତୁମକୁ ଦେଖିଲେ ଖୁସି ହୁଏ ମନ।
ଷୋହଳ ପୃଷ୍ଠାରେ ତୁମେ ଆସ
କରିନିଅ ସଭିଙ୍କୁ ବଶ।
ଭାରି ଭଲ ଲାଗେ ତୁମ ପ୍ରଚ୍ଛଦ
ହୋଇଥାଏ ସଭିଙ୍କର ପସନ୍ଦ।
ଆହୁରି ନିଆରା ଲାଗେ ବ୍ୟାକ୍‌ପେଜ୍ ତୁମର
ମନ କିଣିନିଏ ପୁଣି ସହରଠୁ ଦୂର।
ପ୍ରଭୁଙ୍କ ପାଖେ କରୁଛି ମିନତି
ସଦୟ ହୋଇଥାନ୍ତୁ ତୁମକୁ ଏମିତି।

*–ଅମରେଶ ମହାନ୍ତି, ବଡ଼ଶଙ୍ଖ, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଭିନ୍ନ ଏଇ ପରମ୍ପରା



ଜୀବନକୁ ସରସସୁନ୍ଦର କରିବା ପାଇଁ ବିଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ପରମ୍ପରାମାନ ପାଳନ କରାଯାଇଥାଏ। କିନ୍ତୁ ଏମିତି ବି କିଛି ନିଆରା ପରମ୍ପରା ରହିଛି, ଯାହା ଆମକୁ ବେଶ୍ ଅଜବ ଲାଗିଲେ ବି କେତେକ ସମ୍ପ୍ରଦାୟର ଲୋକେ ଏବେ ବି ଏହାକୁ ମାନି ଚାଲିଛନ୍ତି। ସେମିତି କେତୋଟି ଭିନ୍ନ ପରମ୍ପରା ସମ୍ପର୍କରେ...

**ମାଛ ଦେଇଥାଏ ଭବିଷ୍ୟତର ସୂଚନା:** ବିବାହ କେବଳ ଦୁଇଟି ମଣିଷକୁ ଏକାଠି କରିଥାଏ ତା' ନୁହେଁ, ସେମାନଙ୍କ ମନ ଓ ହୃଦୟକୁ ବି ଏକ କରିଦିଏ। ତେଣୁ ଯେଉଁ ଦମ୍ପତି ଏକ ମନ ଏକ ପ୍ରାଣ ହୋଇ ପରସ୍ପରକୁ ବିଶ୍ୱାସ କରି ଜୀବନ ଜିଇବାକୁ ଲାଗନ୍ତି, ସେମାନଙ୍କ ଜୀବନରେ ଭରିଯାଏ ଅସୀମ ଖୁସି। ତେଣୁ ବୈବାହିକ ଜୀବନ କେତେ ସୁଖମୟ ହେବ ତାହା ବିବାହ ପରେ ପତ୍ନୀପତିଙ୍କ ବିଚାରଧାରା ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାଏ। ହେଲେ ମଣିପୁରବାସୀଙ୍କର କିନ୍ତୁ ରହିଛି କିଛି ଭିନ୍ନ ବିଶ୍ୱାସ। ସେମାନେ ବିବାହ ପରେ ନୁହେଁ ବିବାହ ପୂର୍ବରୁ ହିଁ ଜାଣିଯାନ୍ତି ଯେ, ଆଗକୁ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଥିବା ଯୁବତୀଯୁବକଙ୍କର ସାଂସାରିକ ଜୀବନ କେତେ ସୁଖମୟ ହେବ, ତାହା ପୁଣି ଦୁଇଟି ମାଛଙ୍କ ଜରିଆରେ। ଅର୍ଥାତ୍ ଯେଉଁ ଝିଅପୁଅଙ୍କର ବିବାହ ଠିକ୍ ହୋଇଯାଇଥାଏ ବା ଆଗକୁ ଯେଉଁମାନେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଥାନ୍ତି, ସେମାନଙ୍କ ବୈବାହିକ ଜୀବନ କେତେ ଭଲରେ ବିତିବ ତାହାହୁ ଜାଣିବା ପାଇଁ ମଣିପୁରର କିଛି ଅଞ୍ଚଳବାସୀ ବିବାହର କିଛିଦିନ ପୂର୍ବରୁ ଦୁଇଟି ମାଛକୁ ଏକାଠି ଧରି ନିକଟସ୍ଥ ପୋଖରୀ ବା ନଈରେ ଛାଡ଼ିଥାନ୍ତି। ଯଦି ମାଛ ଦୁଇଟି ପାଖାପାଖି ହୋଇ ଗୋଟିଏ ଦିଗରେ ଯାଇଥାନ୍ତି ତା'ହେଲେ ସେଥିରୁ ଅନୁମାନ କରାଯାଏ ଯେ, ବିବାହ ବନ୍ଧନରେ ବାନ୍ଧିହେବାକୁ ଯାଉଥିବା ଯୁବତୀଯୁବକଙ୍କର ଭବିଷ୍ୟତ ବେଶ୍ ସୁଖରେ କଟିବ। କିନ୍ତୁ ଯଦି ମାଛ ଦୁଇଟି ଭିନ୍ନ ଭିନ୍ନ ଦିଗରେ ଗଲେ ତା'ହେଲେ ଉକ୍ତ ଯୁବତୀଯୁବକଙ୍କ ବୈବାହିକ ଜୀବନରେ କଳହ ଦେଖାଯିବାର ସମ୍ଭାବନା ରହିଛି ବୋଲି ସେମାନେ ବିଶ୍ୱାସ କରିଥାନ୍ତି।



**ବାସନ ବଜାଇ ନବଦମ୍ପତିଙ୍କୁ ହଇରାଣ କରିଥାନ୍ତି:** ବାହାଘର ପରେ ଆସେ ଚତୁର୍ଥୀ ରାତି। ଏହାକୁ ଦେଶର କେତେକ ସ୍ଥାନରେ ସୁହାଗରାତ ବୋଲି ବି କହିଥାନ୍ତି। ଏହା ଏମିତି ଏକ ରାତି, ଯେଉଁଦିନ ନୂଆକରି ବିବାହ ବନ୍ଧନରେ ବାନ୍ଧି ହୋଇଥିବା ଦୁଇ ଶରୀର, ଦୁଇ ମନ ଓ ହୃଦୟ ଏକ ହୋଇ ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖିବା ଆରମ୍ଭ କରିଥାନ୍ତି। ସେଥିପାଇଁ ଏହି ରାତିରେ ନବଦମ୍ପତିଙ୍କୁ ଏକାନ୍ତରେ ରହିବାକୁ ପରିବାର ଲୋକେ ଛାଡ଼ି ଦେଇଥାନ୍ତି। କେହି ବି ତାଙ୍କୁ ହଇରାଣ କରିବାକୁ ଯାଆନ୍ତି ନାହିଁ। କିନ୍ତୁ ଏହାର ଠିକ୍ ଓଲଟା ଦେଖିବାକୁ ମିଳିଥାଏ ଫ୍ରାନ୍ସରେ। ଫ୍ରାନ୍ସରେ ବାସ କରୁଥିବା ଚାରିବାରୀ ସମ୍ପ୍ରଦାୟର ଲୋକମାନଙ୍କ ଭିତରେ ରହିଛି ଏକ ଭିନ୍ନ ପରମ୍ପରା। ଉକ୍ତ ପରମ୍ପରା ଅନୁଯାୟୀ, ଚତୁର୍ଥୀ ରାତିରେ ନବଦମ୍ପତିଙ୍କୁ ସେମାନେ ବହୁତ ହଇରାଣ କରିଥାନ୍ତି। ସେମାନଙ୍କୁ ଏକାଠି ଶାନ୍ତିରେ ଶୋଇବାକୁ ଦିଅନ୍ତି ନାହିଁ। ରାତିଯାକ ତାଙ୍କର ବନ୍ଦ କବାଟ ବାହାରେ ଠିଆହୋଇ ଜୋର୍‌ରେ ପାଟି କରିଥାନ୍ତି, ତାଳି ମାରିଥାନ୍ତି, ବାଜା ବଜାଇଥାନ୍ତି ଏପରି କି ବାସନ ବଜାଇ ଖୁବ୍ ଶବ୍ଦ କରିଥାନ୍ତି। ଏପରି କଲେ କାଳେ ନବଦମ୍ପତିଙ୍କ ମଧ୍ୟରେ ଭଲ ପାଇବା ବଢ଼ିଥାଏ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ସେଥିପାଇଁ ଆଜକୁ ଅନେକ ବର୍ଷ ତଳୁ ଆରମ୍ଭ ହୋଇଥିବା ଏହି ଭିନ୍ନ ପରମ୍ପରା ଏବେ ବି ଏଠାରେ ଚାଲୁଥିବାର ନଜିର ରହିଛି। ହେଲେ ଏହି ପରମ୍ପରା ଦ୍ୱାରା ନବଦମ୍ପତିଙ୍କ ଭିତରେ ଭଲ ପାଇବା ବଢୁଛି କି ନାହିଁ ତାହା ତ ଜଣାନାହିଁ ହେଲେ ଶବ୍ଦ ପ୍ରଦୂଷଣ ନିଶ୍ଚୟ ସୃଷ୍ଟି ହେଉଛି ଏଥିରେ ସନ୍ଦେହ ନାହିଁ।



**ନବଦମ୍ପତିଙ୍କ ଉପରେ ଅସନା ଜିନିଷ ଫିଙ୍ଗିବାର ପରମ୍ପରା:** ବାହାଘର ବେଳେ ନବଦମ୍ପତିଙ୍କୁ ନୂଆ ବସ୍ତ୍ର ପିନ୍ଧି, ପରିଷ୍କାର ପରିଚ୍ଛନ ହୋଇ ଶୁଦ୍ଧପୁତ ଭାବେ ରହିବାକୁ କୁହାଯାଇଥାଏ। ଏହାଦ୍ୱାରା ବାହାଘରର ସମସ୍ତ ବିଧିବିଧାନ ସୁରୁଖୁରୁରେ ସମ୍ପନ୍ନ ହୋଇ ସେମାନଙ୍କ ବୈବାହିକ ଜୀବନରେ ଖୁସି ଭରି ଦେଇଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ହେଲେ ଏସବୁର ଠିକ୍ ଓଲଟା ଦେଖିବାକୁ ମିଳେ ସ୍କଟଲାଣ୍ଡରେ। ଏଠାକାର କିଛି ସ୍ଥାନରେ ବିବାହ ପରେ ନବଦମ୍ପତିଙ୍କୁ ନୂଆ ବସ୍ତ୍ର ପିନ୍ଧିବାକୁ ଦେବା ତ ଦୂର କଥା ଓଲଟା ସେମାନେ ପିନ୍ଧିଥିବା ପୋଷାକକୁ ପୂରା ମଇଳା କରିଦିଆଯାଏ ; ତାହା ପୁଣି ବିଭିନ୍ନ ପ୍ରକାରର ପଚାଶଢା ଖାଦ୍ୟ, ପନିପରିବା, ଅଇଁଠା ଖାଦ୍ୟ, ଛିଡ଼ିଯାଇଥିବା କ୍ଷୀର, ମାଛର କାତି ଓ ଗିଲି ଏବଂ ମଇଳା କଳାପାଣି ସେମାନଙ୍କ ଉପରକୁ ଫୋପାଡ଼ି। ଏପରି କରି ସେମାନେ ପରୀକ୍ଷା କରନ୍ତି ଯେ, କେତେଦୂର ପର୍ଯ୍ୟନ୍ତ ଏହି ନବଦମ୍ପତି ଉକ୍ତ ବିରକ୍ତିକର ଖେଳକୁ ସହ୍ୟ କରିପାରୁଛନ୍ତି, ତା' ପୁଣି ଖୁସି ମନରେ। କୁହାଯାଏ, ଯେତେ ସମୟ ଧରି ନବଦମ୍ପତି ଏହି ଖେଳକୁ ବେଶ୍ ଆନନ୍ଦର ସହ ଉପଭୋଗ କରିଥାନ୍ତି, ସେମାନଙ୍କ ବୈବାହିକ ଜୀବନ ସେତେ ସୁଖମୟ ହୋଇଥାଏ। ଆଉ ସେମାନଙ୍କ ଭିତରେ ପ୍ରେମ ନିବିଡ଼ ହେବା ସହ ଯେତେ ଅସୁବିଧା ଆସିଲେ ବି କେହି କାହାର ହାତ ଛାଡ଼ନ୍ତି ନାହିଁ। ବରଂ ସାହସର ସହ ସେମାନେ ତାହାକୁ ସାମ୍ନା କରିବାକୁ ସମର୍ଥ ହୋଇଥାନ୍ତି। ତେଣୁ ଏହି ପରମ୍ପରା ଯେତେ ବିଚିତ୍ର ଲାଗିଲେ ବି ଏହା ପଛରେ ଥିବା ମହତ୍ ଉଦ୍ଦେଶ୍ୟକୁ ବୁଝି ଏବେ ବି ସ୍କଟଲାଣ୍ଡର କିଛି ସ୍ଥାନରେ ଏହାକୁ ପାଳନ କରାଯାଉଛି।

**ବାହାଘର ପୂର୍ବରୁ ଦାନ୍ତକୁ ଫିଲିଂ କରିବାର ପରମ୍ପରା:** ଦାନ୍ତ ସମସ୍ୟା ଦେଖାଦେଲେ ସାଧାରଣତଃ ଆମେ ଦନ୍ତ ଚିକିତ୍ସକଙ୍କ ପାଖକୁ ଯାଇଥାଉ। ଦାନ୍ତର ଅବସ୍ଥାକୁ ଦେଖି ଚିକିତ୍ସକ ଆମକୁ ଔଷଧ ଦେଇଥାନ୍ତି ନଚେତ୍ ଫିଲିଂ କିମ୍ବା ରୁଟ୍ କାନାଲ୍ କରିବାକୁ ପରାମର୍ଶ ଦେଇଥାନ୍ତି। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଇଣ୍ଡୋନେସିଆର ବାଲି ଦ୍ୱୀପରେ ରହିଛି ଏମିତି ଏକ ପରମ୍ପରା, ଯେଉଁଥିରେ ବିବାହ ପୂର୍ବରୁ ଝିଅପୁଅଙ୍କୁ ବାଧ୍ୟତାମୂଳକ ଭାବେ ଦାନ୍ତ ଫିଲିଂ କରିବାକୁ ହୋଇଥାଏ। କିନ୍ତୁ ତାହା କୌଣସି ଡାକ୍ତରଙ୍କ ପାଖେ ନୁହେଁ ବରଂ ସେଠାକାର ପୁରୋହିତଙ୍କ ପାଖରେ। ତେବେ ଡାକ୍ତରଙ୍କ ପାଖେ କରାଯାଉଥିବା ଦାନ୍ତ ଫିଲିଂ ଆଉ ବାଲିରେ ପରମ୍ପରା ଅନୁଯାୟୀ କରାଯାଉଥିବା ଦାନ୍ତ ଫିଲିଂ ଭିତରେ ରହିଥାଏ ଅନେକ ପାର୍ଥକ୍ୟ। ବାଲି ବାସିନ୍ଦାଙ୍କର ବିଶ୍ୱାସ ରହିଛି ଯେ, ଯେଉଁ ମଣିଷଙ୍କ ଭିତରେ ରାଗ, ମୋହ, ମାୟା, କାମ, କ୍ରୋଧ ଓ ଈର୍ଷା ରହିଥାଏ ; ସେ ମଣିଷ କାହାକୁ କେତେବେଳେ ଜାଣତରେ ହେଉ ଅବା ଅଜାଣତରେ ଏମିତି କିଛି କଥା କହିଦିଏ ; ଯଦ୍ଦ୍ୱାରା ସାମ୍ନା ଲୋକର ହୃଦୟକୁ ଖୁବ୍ ବାଧିଥାଏ। ଅନ୍ୟକୁ କଷ୍ଟ ଦେବାକୁ ବାଲିବାସିନ୍ଦା ଆଦୌ ପସନ୍ଦ କରନ୍ତି ନାହିଁ। ସେଥିପାଇଁ ସେମାନେ ଏହି ଅଜବ ପରମ୍ପରା ପାଳୁଛନ୍ତି। ଏଥିରେ ମୁଖ୍ୟତଃ ଉପର ମାଢ଼ିର ସାମ୍ନାପଟେ ଥିବା ୬ଟି ଦାନ୍ତକୁ କିଛି ସମୟ ପାଇଁ ତୀକ୍ଷ୍ଣ ଧାରୁଆ ଅସ୍ତ୍ରରେ ଘଷିବା ପରେ ସେଥିରେ ଏକ ସ୍ୱତନ୍ତ୍ର ପ୍ରକାରର ଲେପ ଟିକେ ଟିକେ ଲଗାଇ ଦିଆଯାଇଥାଏ। ଏହା ଆଦୌ ଯନ୍ତ୍ରଣାଦାୟକ ହୋଇ ନ ଥାଏ। କିନ୍ତୁ ଏହି ପରମ୍ପରା ପାଳିବା ଦ୍ୱାରା କୁଆଡ଼େ ବ୍ୟକ୍ତିଙ୍କ ଭିତରୁ ରାଗ, ମୋହ, ମାୟା, କାମ, କ୍ରୋଧ ଓ ଈର୍ଷା ଦୂର ହୋଇଯାଇଥାଏ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ସେଥିପାଇଁ ୬ରୁ ୧୮ ବର୍ଷର ସମସ୍ତ ବାଳିକା, ବାଳକଙ୍କୁ ଏଠାରେ ଉକ୍ତ ପରମ୍ପରା ଅନୁଯାୟୀ ଦାନ୍ତ ଫିଲିଂ କରାଇ ଦିଆଯାଇଥାଏ।

ଆଉ ଯେଉଁମାନେ ଏହି ବୟସ ଭିତରେ ନିଜର ଦାନ୍ତ ଫିଲିଂ କରାଇ ନ ଥାନ୍ତି, ସେମାନଙ୍କୁ ବିବାହ ପୂର୍ବରୁ ବାଧ୍ୟତାମୂଳକ ଭାବେ ଏହି ବିଧି ପାଳନ କରିବାକୁ ହୋଇଥାଏ। ତେବେ ଏହି ଦାନ୍ତ ଫିଲିଂ କରାଇବାର ପରମ୍ପରାକୁ ଏଠାରେ ବେଶ୍ ଆନନ୍ଦର ସହକାରେ ବଡ଼ ଉତ୍ସବ ଆକାରରେ ପାଳନ କରାଯାଇଥାଏ। କୁହାଯାଏ, ଏହି ପରମ୍ପରା ଦ୍ୱାରା କେବଳ ଯେ ମଣିଷ ଭିତରୁ ରାଗ, ମୋହ, ମାୟା, କାମ, କ୍ରୋଧ ଓ ଈର୍ଷା ଦୂର ହୁଏ ତାହା ନୁହେଁ, ଜୀବନରେ ବେଶ୍ ଖୁସି ଆସିଥାଏ। ତା'ସହିତ ମୃତ୍ୟୁ ପରେ ମୋକ୍ଷ ପ୍ରାପ୍ତି ବି ହୋଇଥାଏ ବୋଲି ସେମାନଙ୍କର ଗଭୀର ବିଶ୍ୱାସ ରହିଛି।



**ବାହାଘରର ମାସେ ପୂର୍ବରୁ କାନ୍ଦିବାର ପରମ୍ପରା:** ବାହାଘର ଏକ ଖୁସିର ମୁହୂର୍ତ୍ତ। ଏହା ଦୁଇଟି ଭିନ୍ନ ମଣିଷ ତଥା ଦୁଇ ଅପରିଚିତ ପରିବାର ମଧ୍ୟରେ ପବିତ୍ର ସମ୍ପର୍କ ଗଢ଼ି ଦେଇଥାଏ। ସେଥିପାଇଁ ସମସ୍ତେ ବେଶ୍ ଖୁସି ଥାନ୍ତି। ହେଲେ ଯେତେବେଳେ ବାହାଘର ସରି ଝିଅ ବିଦାବେଳ ହୁଏ ସେତେବେଳେ ସମସ୍ତଙ୍କ ଆଖିରେ ଲୁହ ଜକେଇଆସେ। ପାଦରେ ଅଳତା, ମଥାରେ ସିନ୍ଦୂର ଓ ହାତରେ ଶଙ୍ଖା ପିନ୍ଧି ସ୍ୱାମୀ ସଙ୍ଗେ ନୂଆ ସଂସାର ଗଢ଼ିବାକୁ ବାପଘରର ଏରୁଣ୍ଡି ଡେଇଁ ଯାଉଥିବା ଝିଅଟି ତା'ର ସମ୍ପର୍କୀୟଙ୍କୁ ଧରି ଭୋ ଭୋ ହୋଇ କାନ୍ଦିବାର ଦୃଶ୍ୟ ବେଶ୍ ହୃଦୟ ବିଦାରକ ହୋଇଥାଏ। ଏଭଳି ପରମ୍ପରା ଆମ ଓଡ଼ିଶାରେ ତଥା ଭାରତର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଚାଇନାର କିଛି ସ୍ଥାନରେ ବାହାଘର ହେବାର ମାସେ ପୂର୍ବରୁ କାନ୍ଦିବାର ଅଜବ ପରମ୍ପରା ରହିଛି। ଅର୍ଥାତ୍ ଯେଉଁ ଝିଅଟିର ବାହାଘର ଠିକ୍ ହୋଇଯାଇଥାଏ, ସେହି ଝିଅ ଘରର ସ୍ତ୍ରୀଲୋକମାନେ ବାହାଘର ହେବାର ମାସେ ପୂର୍ବରୁ ପ୍ରତିଦିନ କିଛି କିଛି ସମୟ ଝିଅକୁ ଧରି କାନ୍ଦିଥାନ୍ତି। ଝିଅଟି ବି ତା'ର ଘର ଓ ସମ୍ପର୍କୀୟ ସ୍ତ୍ରୀଲୋକଙ୍କୁ ତଥା ଝିଅ ସାଙ୍ଗମାନଙ୍କୁ ଧରି କାନ୍ଦିଥାଏ। ପ୍ରତିଦିନ କାନ୍ଦିବାର ସ୍ୱର ଶୁଣିବାକୁ ଭଲ ଲାଗୁ ନ ଥିଲେ ବି ଏହାଦ୍ୱାରା ଝିଅର ବୈବାହିକ ଜୀବନ ସୁଖମୟ ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ସେଥିପାଇଁ କାହିଁ କେତେ କାଳରୁ ଚାଲିଆସୁଥିବା ଏହି ପରମ୍ପରା ଏବେ ବି ଚାଇନାର କେତେକ ସ୍ଥାନରେ ପାଳନ କରାଯାଉଥିବାର ନଜିର ଦେଖିବାକୁ ମିଳୁଛି। ଚାଇନା ପରି ଓଡ଼ିଶାର କେତେକ ସ୍ଥାନରେ ମଧ୍ୟ ଏହି ପରମ୍ପରା ପ୍ରଚଳିତ ଥିଲା ଆଉ ଏବେ ବି କିଛି ସ୍ଥାନରେ ପ୍ରଚଳିତ ହେଉଥିବାର ବିଶ୍ୱାସ ରହିଛି।



**ପୁରୁଷମାନେ ନାରୀ ବେଶରେ କରିଥାନ୍ତି ଦେବୀ ପୂଜା:** ସାଧାରଣତଃ ବିଜୟାଦଶମୀ ଦିନ ମା'ଙ୍କର ସମସ୍ତ ପୂଜାର୍ଚ୍ଚନା ବିଧି ସରିବା ପରେ ବଙ୍ଗାଳୀ ସମ୍ପ୍ରଦାୟର ସଧବା ନାରୀମାନେ ମା'ଙ୍କୁ ସିନ୍ଦୂର ଲଗାଇ ପୂଜାର୍ଚ୍ଚନା କରି ପରସ୍ପରକୁ ସିନ୍ଦୂର ଲଗାଇଥାନ୍ତି। ଏହାକୁ ସାଧାରଣରେ ସିନ୍ଦୂର ଖେଳ ବୋଲି କୁହାଯାଇଥାଏ। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ ପଶ୍ଚିମବଙ୍ଗର ହୁଗଲି ଜିଲା ଅନ୍ତର୍ଗତ ଚନ୍ଦନନଗର ନାମକ ଏକ ସ୍ଥାନରେ ମହିଳାଙ୍କ ପରିବର୍ତ୍ତେ ପୁରୁଷମାନେ ନାରୀଙ୍କ ପରି ଶାଢି ପିନ୍ଧି ମା' ଜଗଧାତ୍ରୀଙ୍କର ପୂଜା କରିବାର ଭିନ୍ନ ଏକ ବିଧି ପାଳନ କରିଥାନ୍ତି। ଏହି ପରମ୍ପରା ଏବେକାର ନୁହେଁ ବରଂ ଦୁଇ ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ସେଠାରେ ଏମିତି ଭାବେ ପୁରୁଷମାନେ ପ୍ରତିବର୍ଷ ମା'ଙ୍କୁ ପୂଜା କରିଆସୁଛନ୍ତି ବୋଲି ସୂଚନା ରହିଛି। ଏହି ପୂଜାରେ ମୁଖ୍ୟତଃ ୧୩ ଜଣ ପୁରୁଷ ନାରୀଙ୍କ ପରି ଶାଢି ପିନ୍ଧି କପାଳରେ ସିନ୍ଦୂର ଲଗାଇ, ମଥାରେ ଓଢ଼ଣି ଟାଣି ରୀତିନୀତି ଅନୁସାରେ ମା' ଜଗଧାତ୍ରୀଙ୍କର ପୂଜା କରିବାର ନିୟମ ରହିଛି। ଇତିହାସ ପୃଷ୍ଠାରୁ ଯାହା ଜଣାଯାଏ, ଦୁଇ ଶହ ବର୍ଷ ତଳେ ନାରୀମାନେ ଏତେ ବାହାରକୁ ବାହାରୁ ନ ଥିଲେ। ସନ୍ଧ୍ୟା ସମୟରେ ବାହାରିବା ତ ଯେମିତି ତାଙ୍କ ପାଇଁ ନିୟମ ବିରୁଦ୍ଧ ଥିଲା। ସେଥିପାଇଁ ମା'ଙ୍କର ଏହି ପୂଜା କରିବାକୁ ସ୍ଥାନୀୟ ଅଞ୍ଚଳର ପୁରୁଷମାନେ ନାରୀ ବେଶ ହେବାକୁ ବାଧ୍ୟ ହୋଇଥିଲେ ଆଉ ସେବେଠାରୁ ଏହି ପରମ୍ପରା ଆଜିଯାଏ ସେଠାରେ ଚାଲି ଆସୁଛି।





**ସ୍ୱାମୀ ଜୀବିତ ଥାଇ ବି ବିଧବା ହୋଇଥାନ୍ତି ମହିଳା:** ସ୍ୱାମୀଙ୍କର ଦୀର୍ଘାୟୁ କାମନା କରି ସଧବା ନାରୀଟିଏ ମଥାରେ ସିନ୍ଦୂର, ହାତରେ ଶଙ୍ଖା ଆଉ ପାଦରେ ଅଳତା ଲଗାଇଥାଏ। ଏହି ତିନୋଟି ଜିନିଷ ପ୍ରତ୍ୟେକ ସଧବାଙ୍କ ପାଇଁ ଖୁବ୍ ମୂଲ୍ୟବାନ ହୋଇଥାଏ। ସ୍ୱାମୀ ଜୀବିତ ଥାଉ ଥାଉ ମଥାରୁ ସିନ୍ଦୂର ପୋଛିଦେବା ବା ହାତରୁ ଶଙ୍ଖା ଖୋଲିଦେବାକୁ ଅଶୁଭ ବୋଲି ହିନ୍ଦୁ ଧର୍ମରେ ମାନ୍ୟତା ରହିଛି। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଉତ୍ତରପ୍ରଦେଶ ତଥା ବିହାରର କେତେକ ସ୍ଥାନରେ ଗଚ୍ଓ୍ୱାହା ନାମକ ଏକ ସମ୍ପ୍ରଦାୟର ଲୋକ ବାସ କରିଥାନ୍ତି। ଏହି ସମ୍ପ୍ରଦାୟର ପୁରୁଷମାନେ ମୁଖ୍ୟତଃ ଖଜୁରି ଗଛରୁ ତାଡ଼ି କାଢ଼ି ନିଜର ପରିବାର ଚଳାଇଥାନ୍ତି। ଏହି କାମ ବିଶେଷକରି ସେମାନେ ମେ'ରୁ ଜୁଲାଇ ମାସ ପର୍ଯ୍ୟନ୍ତ କରିଥାନ୍ତି। ବେଳେବେଳେ ତାଡ଼ି କାଢ଼ିବାକୁ ଯାଇ ସେମାନଙ୍କ ଭିତରୁ ଅନେକେ ଗଛରୁ ପଡ଼ି ମୃତ୍ୟୁବରଣ କରିଥାନ୍ତି ଅବା ହାତଗୋଡ଼ ଭାଙ୍ଗି ଅକର୍ମଣ୍ୟ ହୋଇଯାନ୍ତି। ସେଥିପାଇଁ ଏହି ତିନିମାସ ପର୍ଯ୍ୟନ୍ତ ପରିବାରଲୋକେ ବିଶେଷକରି ସ୍ତ୍ରୀ ଲୋକମାନେ ନିଜ ସ୍ୱାମୀଙ୍କର ମଙ୍ଗଳ କାମନା କରି ବହୁ ଦୁଃଖରେ ଦିନ ବିତାଇଥାନ୍ତି ; ଯେଉଁଥିପାଇଁ ସେମାନେ ସ୍ୱାମୀଙ୍କର ଦୀର୍ଘାୟୁ କାମନା କରି ଦେବୀମା'ଙ୍କ ପାଦ ତଳେ ନିଜ ସୁହାଗର ସମସ୍ତ ଚିହ୍ନ ଶଙ୍ଖା, ସିନ୍ଦୂର ତଥା ଅଳତା ଆଦିକୁ ରଖି ଦେଇ ନିଜକୁ ବିଧବା ବେଶରେ ସଜାଇ ଦେଇଥାନ୍ତି। ଆଉ ବିଧବା ନାରୀମାନେ ଯେମିତି ବଞ୍ଚିଥାନ୍ତି ସେମାନେ ବି ସେମିତି ଦୁଃଖରେ, କଷ୍ଟରେ ସ୍ୱାମୀଙ୍କୁ ଝୁରିଝୁରି ରହିଥାନ୍ତି। ତିନିମାସ ପରେ ସ୍ୱାମୀଙ୍କର ତାଡ଼ି କାମ ସରିଗଲେ ସେମାନେ ପୁନର୍ବାର ମା'ଙ୍କ ପାଖରେ ପୂଜାର୍ଚ୍ଚନା କରି ଶଙ୍ଖା, ସିନ୍ଦୂର ପିନ୍ଧି ସ୍ୱାମୀଙ୍କ ସହ ଖୁସିରେ ଜୀବନ ଅତିବାହିତ କରିଥାନ୍ତି। କିନ୍ତୁ ଏହି ତିନିମାସ ଭିତରେ ଯାହାଙ୍କର ସ୍ୱାମୀ ମରିଯାନ୍ତି, ସେମାନଙ୍କୁ କେବଳ ଏହି ତିନିମାସ ନୁହେଁ ସାରା ଜୀବନ ସ୍ୱାମୀହରାର ଯନ୍ତ୍ରଣା ସହିବାକୁ ପଡିଥାଏ।

**ମୃତବ୍ୟକ୍ତିଙ୍କର ଚୁଟି କାଟି ରଖିବାର ପରମ୍ପରା:** ପରିବାରରେ କାହାର ମୃତ୍ୟୁ ହୋଇଗଲେ ତାଙ୍କର ଅସ୍ଥିକୁ ଗଙ୍ଗାନଦୀରେ ବିସର୍ଜନ କରିବାର ବିଧି ଆମ ଭିତରୁ ଅନେକେ ଜାଣିଛେ। କିନ୍ତୁ କୌଣସି ମୃତ ବ୍ୟକ୍ତିଙ୍କର ଚୁଟିକୁ କାଟି ସାଇତି ରଖିବାର ପରମ୍ପରା ବିଷୟରେ ହୁଏତ ଆମ ଭିତରୁ କମ୍ ଜାଣିଥିବେ। ହେଲେ ଏମିତି ଏକ ଅଜବ ପରମ୍ପରା ରହିଛି ଚାଇନାରେ ବାସ କରୁଥିବା ମିଆଓ ନାମକ ଏକ ସମ୍ପ୍ରଦାୟର ଲୋକମାନଙ୍କ ଭିତରେ। ଏହି ସମ୍ପ୍ରଦାୟରେ କୌଣସି ବୟୋଜ୍ୟେଷ୍ଠଙ୍କର ମୃତ୍ୟୁ ହୋଇଗଲେ ତାଙ୍କ ସମ୍ପର୍କୀୟମାନେ ଉକ୍ତ ମୃତବ୍ୟକ୍ତିଙ୍କର ଚୁଟିକୁ କାଟିଆଣି ସେଥିରେ ଏକ ସ୍ୱତନ୍ତ୍ର ପ୍ରକାରର ୱିଗ୍ ତିଆରି କରି ନିଜ ପାଖରେ ସାଇତି ରଖିଥାନ୍ତି। ଆଉ ସେହି ୱିଗ୍‌କୁ ସେମାନେ ବାହାଘର ହେଉ ଅବା କୌଣସି ବିଶେଷ କାର୍ଯ୍ୟକ୍ରମ ସମୟରେ ମୁଣ୍ଡରେ ଧାରଣ କରିଥାନ୍ତି। ଏହାଦ୍ୱାରା ସେମାନଙ୍କୁ କୁଆଡ଼େ ଉକ୍ତ ମୃତ ବୟୋଜ୍ୟେଷ୍ଠଙ୍କର ଆଶୀର୍ବାଦ ମିଳିଥାଏ ବୋଲି ସେମାନଙ୍କର ବିଶ୍ୱାସ ରହିଛି।

**ପରସ୍ପର ଉପରକୁ ଛେପ ଫୋପାଡ଼ିବାର ପରମ୍ପରା:** କାହା ଉପରେ ଟିକେ ଛେପ ପଡିଗଲେ ନିଜକୁ ଖୁବ୍ ଖରାପ ଲାଗିଥାଏ। ତାଙ୍କୁ ଭୁଲ୍ ନ ମାଗିଲା ପର୍ଯ୍ୟନ୍ତ ମନ କେମିତି ଗୋଳେଇ ଘାଣ୍ଟି ହେଉଥାଏ। କିନ୍ତୁ ଜାଣିଶୁଣି କେହି କାହା ଉପରକୁ ଛେପ ପକାଇବା ଘଟଣା ଶୁଣିଲେ ହିଁ ଅଜବ ଲାଗୁଛି ନା ! କିନ୍ତୁ ଏମିତି ଏକ ଅଜବ ପରମ୍ପରାକୁ ପାଳନ କରି ଆସୁଛନ୍ତି ଆଫ୍ରିକାରେ ବାସ କରୁଥିବା ମାସାଇ ସମ୍ପ୍ରଦାୟର ଲୋକମାନେ। ସେମାନଙ୍କର ବିଶ୍ୱାସ ରହିଛି, ପରସ୍ପର ଉପରକୁ ଛେପ ପକାଇଲେ ଭଲ ପାଇବା ବଢ଼ିଥାଏ ଆଉ ସମ୍ପର୍କ ମଜଭୁତ୍ ହୋଇଥାଏ। ଏଥିସହିତ କାହାରି ଖରାପ ଦୃଷ୍ଟି ସେମାନଙ୍କ ଉପରେ ପଡ଼ି ନ ଥାଏ।

**କଫିନ୍‌କୁ ମାଟି ତଳେ ନ ପୋତି ଝୁଲାଇ ଦେଇଥାନ୍ତି:** ଅନ୍ତିମ ସତ୍କାରକୁ ନେଇ ଭିନ୍ନ ଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ପରମ୍ପରା ରହିଛି। କେଉଁ ଧର୍ମରେ ଜୁଇ ଜାଳି ମୃତବ୍ୟକ୍ତିଙ୍କର ଅନ୍ତିମ ସତ୍କାର କରାଯାଇଥାଏ ତ ଆଉ କେଉଁ ଧର୍ମରେ ମୃତବ୍ୟକ୍ତିଙ୍କୁ କଫିନ୍‌ରେ ଭର୍ତ୍ତି କରି ମାଟି ତଳେ ପୋତି ଦିଆଯାଏ। କିନ୍ତୁ ଫିଲିପାଇନ୍ସରେ ବାସ କରୁଥିବା ଇଗୋରୋଟ୍ ନାମକ ଏକ ସମ୍ପ୍ରଦାୟର ଲୋକମାନେ ତାଙ୍କର ସମ୍ପର୍କୀୟରେ କାହାର ମୃତ୍ୟୁ ହୋଇଗଲେ ତାଙ୍କ ମୃତ ଦେହକୁ କଫିନ୍‌ରେ ଭର୍ତ୍ତି କରି ନିକଟରେ ଥିବା ପାହାଡ଼ରେ ଝୁଲାଇ ଦେଇଥାନ୍ତି। କାରଣ ମାଟି ତଳେ ପୋତିଦେଲେ ସେମାନଙ୍କର କାଳେ ଅପମାନ ହେବ ଆଉ ସେମାନଙ୍କର ଆତ୍ମା ଶୀଘ୍ର ମୁକ୍ତି ପାଇପାରିବ ନାହିଁ, ସେଥିପାଇଁ ସେମାନେ ମୃତବ୍ୟକ୍ତିଙ୍କର କଫିନ୍‌କୁ ମାଟି ତଳେ ନ ପୋତି ପାହାଡ଼ରେ ଝୁଲାଇ ଦେଇଥାନ୍ତି। ଏପରି କରି ସେମାନେ ମୃତବ୍ୟକ୍ତିଙ୍କୁ ସମ୍ମାନ ଦେଇଥାନ୍ତି ବୋଲି ସେମାନଙ୍କର ବିଶ୍ୱାସ ରହିଛି।

ପରମ୍ପରାକୁ ଶ୍ରଦ୍ଧା ଆଉ ବିଶ୍ୱାସର ସହ ପାଳନ କଲେ ତାହା ବେଶିଦିନ ତିଷ୍ଠି ରହିଥାଏ। ଏଇ ଯେମିତି ଏଠାରେ ଉଲ୍ଲେଖ କରାଯାଇଥିବା କିଛି ଅଜବ ପରମ୍ପରାକୁ କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକେ ବିଶ୍ୱାସର ସହ ପାଳନ କରି ଭିନ୍ନ ଏକ ଉଦାହରଣ ସୃଷ୍ଟି କରି ପାରିଛନ୍ତି।

—ଅନ୍ୱିତା ମିଶ୍ର

# କୁଲ୍ କାର୍ଟୁନ୍ ପ୍ରିଣ୍ଟ



**ଷ୍ଟ୍ରାଇପ୍, ପୋଲ୍କା ଡଟ୍, ଆନିମଲ ପ୍ରିଣ୍ଟ, ଫ୍ଲୋରାଲ ପ୍ରିଣ୍ଟ ଭଳି ପ୍ୟାଟର୍ନର ପୋଷାକ ତ ସମସ୍ତେ ପିନ୍ଧନ୍ତି। ହେଲେ କାର୍ଟୁନ୍ ପ୍ରିଣ୍ଟର ପୋଷାକ ବହୁତ କମ୍ ପିନ୍ଧନ୍ତି। ଖାଲି ପୋଷାକ ନୁହେଁ ଏହି ପ୍ରିଣ୍ଟର ଫ୍ୟାଶନେବଲ ଆସେସରୀଜ୍ ବି ମିଳୁଛି। ଏହି ପ୍ରିଣ୍ଟକୁ ଟ୍ରାଏ କରନ୍ତୁ ଆଉ ଦେଖନ୍ତୁ ଲୁକ୍ କେମିତି ଖାସ୍ ଲାଗିବ....**




**ଟି-ସର୍ଟ:** କାଜୁଆଲ ଲୁକ୍‌ରେ କାର୍ଟୁନ୍ ପ୍ରିଣ୍ଟକୁ ଷ୍ଟାଇଲ୍ କରିବାକୁ ଚାହୁଁଥିଲେ କାର୍ଟୁନ ପ୍ରିଣ୍ଟ ଟି-ସର୍ଟ ଆପଣେଇପାରିବେ। ଏହା ବହୁତ କମ୍ଫର୍ଟେବୁଲ ଓ ଷ୍ଟାଇଲିଶ୍ ଆଉଟ୍‌ଫିଟ୍ ଅଟେ। କାର୍ଟୁନ ପ୍ରିଣ୍ଟ ଟି-ସର୍ଟ ସହ ଶର୍ଟସ୍, ଜିନ୍ସ କିମ୍ବା ସ୍କର୍ଟକୁ ପେୟାର କରିପାରିବେ। ଏହି ଲୁକ୍ ସହ ହିଲ୍ସ ଭଲ ଲାଗେ। ଯଦି କମ୍ଫର୍ଟେବଲ ଓ ସ୍ପୋର୍ଟି ଲୁକ୍ ଚାହାନ୍ତି ତେବେ ସ୍ନିକର୍ ପିନ୍ଧିପାରିବେ।

.........................................................................

**ସାର୍ଟ:** କାର୍ଟୁନ ପ୍ରିଣ୍ଟ ଟି-ସର୍ଟ ଭଳି କାର୍ଟୁନ୍ ପ୍ରିଣ୍ଟ ସାର୍ଟ ଷ୍ଟନିଂ ଲୁକ୍ ଦେଇଥାଏ। କହିବାକୁ ଗଲେ ଏହି ପ୍ରିଣ୍ଟର ସାର୍ଟ ଅଧିକ ଷ୍ଟାଇଲିଶ୍ ଲୁକ୍ ଦିଏ। ଆଉ ଦିନ ବେଳା ଆଉଟିଂ ପାଇଁ ଯାଉଥିଲେ ଫନ୍ ଲୁକ୍ ପାଇଁ କାର୍ଟୁନ ସାର୍ଟ ଟ୍ରାଏ କରିପାରିବେ। ଚାହିଁଲେ ସାର୍ଟର ତଳଭାଗକୁ ବାନ୍ଧି ନଟେଡ୍ ଲୁକ୍ ବି ଦେଇପାରିବେ। ଏହିଭଳି ସାର୍ଟ ସହ ଜିନ୍ସ କିମ୍ବା ରିପ୍‌ଡ ଜିନ୍ସ ପିନ୍ଧିପାରିବେ।

.........................................................................

**ଶାଢି:** ପାରମ୍ପରିକ ଶାଢି ପିନ୍ଧି ବୋର୍ ହୋଇଯାଇଥିଲେ କାର୍ଟୁନ ପ୍ରିଣ୍ଟ ଶାଢି ଟ୍ରାଏ କରନ୍ତୁ। ଆଜିକାଲି ବିଭିନ୍ନ କଲର୍ ଓ ଷ୍ଟାଇଲ୍‌ର କାର୍ଟୁନ ପ୍ରିଣ୍ଟ ଶାଢି ଉପଲବ୍ଧ ହେଉଛି। ଯାହାକୁ କ୍ୟାରି କରି ଆପଣ ନିଜର ଲୁକ୍ ଖାସ୍ କରିପାରିବେ।ତେବେ କାର୍ଟୁନ ପ୍ରିଣ୍ଟ ଶାଢି ସହ ପ୍ଲେନ୍ ବ୍ଲାଉଜ୍ ପିନ୍ଧିବା ଭଲ। ଯଦ୍ୱାରା ଆପଣଙ୍କ ଶାଢି ଲୁକ୍ ଅଧିକ ସୁନ୍ଦର ଲାଗିବ। ଏମିତି ବି କରିପାରିବେ ଯଦି ପ୍ଲେନ୍ ଶାଢି ପିନ୍ଧୁଛନ୍ତି ତେବେ କାର୍ଟୁନ ପ୍ରିଣ୍ଟର ବ୍ଲାଉଜ୍ ପେୟାର୍ କରିପାରିବେ।

**କାର୍ଟୁନ ପ୍ରିଣ୍ଟ ନାଇଟ୍ ଡ୍ରେସ୍:** ଯଦି ଆପଣଙ୍କୁ କାର୍ଟୁନ୍ ପସନ୍ଦ କିନ୍ତୁ ତାକୁ ବାହାରକୁ ପିନ୍ଧି ଯିବାରେ କମ୍ଫର୍ଟେବୁଲ ଫିଲ୍ କରୁ ନାହାନ୍ତି ତେବେ ଘରେ କାର୍ଟୁନ୍ ପ୍ରିଣ୍ଟର ନାଇଟ୍ ସୁଟ୍, ନାଇଟ୍ ଡ୍ରେସ୍ ପିନ୍ଧିପାରିବେ। ଏହା ଯେତିକି କମ୍ଫର୍ଟେବୁଲ ସେତିକି କ୍ୟୁଟ୍ ଲୁକ୍ ବି ଦିଏ।

.........................................................................

**ଡଙ୍ଗରୀ:** ଡଙ୍ଗରୀ ଷ୍ଟାଇଲ୍ ଡ୍ରେସ୍ ଅନେକଙ୍କୁ ପସନ୍ଦ ଥାଏ। ଏହା କମ୍ଫର୍ଟେବୁଲ ସହ କ୍ୟୁଟ୍ ଲୁକ୍ ବି ଦିଏ। ଆଉ ଯଦି କାର୍ଟୁନ ପ୍ରିଣ୍ଟର ଡଙ୍ଗରୀ ପିନ୍ଧିବେ ତେବେ ଲୁକ୍ ଆହୁରି ଖାସ୍ ଲାଗିବ।

.........................................................................

**ଆସେସରୀଜ୍:** ଜରୁରୀ ନୁହେଁ କି ଆପଣ କେବଳ ଆଉଟ୍‌ଫିଟ୍‌ରେ ହିଁ କାର୍ଟୁନ ପ୍ରିଣ୍ଟ କ୍ୟାରୀ କରିବେ। ଏହାକୁ ଆପଣ ଆସେସରୀଜ୍ ଭାବେ ମଧ୍ୟ କ୍ୟାରି କରିପାରିବେ। ଯେମିତିକି କାର୍ଟୁନ୍ ପ୍ରିଣ୍ଟ ଥିବା ହ୍ୟାଣ୍ଡ ବ୍ୟାଗ୍, ହେୟାର୍ ପିନ୍, ହେଡବ୍ୟାଣ୍ଡ ଓ ୱାଚ୍ ବ୍ୟବହାର କରି ଲୁକ୍‌କୁ ଖାସ୍ କରିପାରିବେ।















# ଅଭିନୟ ଦେଇଛି ପରିଚୟ

ନିଶା ତାଙ୍କର ଅଭିନୟ ମାତ୍ର ପେସାରେ ଜଣେ ବହି ଦୋକାନୀ । ଦୀର୍ଘ ୫ ଦଶନ୍ଧି ଧରି ସେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ବିଭିନ୍ନ ନାଟକରେ ଅଭିନୟ କରିଛନ୍ତି। ପୁଣି ଏକାଧିକ ନାଟକକୁ ନିର୍ଦ୍ଦେଶନା ଦେଇସାରିଛନ୍ତି। ନାଟ୍ୟକଳାକୁ ନେଇ ତାଙ୍କର ଅନେକ ସ୍ୱପ୍ନ। ଥିଏଟର, ଅପେରା, ଟିଭି ସିରିଏଲ ଆଦି ବିଭିନ୍ନ କ୍ଷେତ୍ରରେ ତାଙ୍କର ରହିଛି ଭିନ୍ନ ପରିଚୟ। ନାଟ୍ୟ କ୍ଷେତ୍ରରେ ଅବଦାନ ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମେତ ଅନେକ ଅନୁଷ୍ଠାନ ତରଫରୁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଉମାକାନ୍ତ ସାହା। ଜନ୍ମ ୧୬।୮।୧୯୪୮ମସିହାରେ। ପିତା ବସନ୍ତ କୁମାର ସାହା। ମାତା ଭୁଲି ଦେବୀ। ଘର ମୟୂରଭଞ୍ଜ ଜିଲା କରଞ୍ଜିଆ ଅଞ୍ଚଳର ସରଧା ଗାଁରେ। ସେ କୁହନ୍ତି– ସ୍କୁଲ ବୟସରୁ ଗାଁରେ ପାଲା ଦେଖିବାକୁ ଯାଏ । ତା' ପରେ ଘରକୁ ଆସି ଘରେ ଲୁଚିଲୁଚି ଝାଡୁଧରି ଗୀତ ବୋଲୁଥିଲି। ଏମିତି ଅଭ୍ୟାସ ମଞ୍ଚ କ୍ଷେତ୍ର ପ୍ରତି ଆକୃଷ୍ଟ କରିଥିଲା । ବାପା ବି ଯେତେବେଳେ ଯେଉଁଠିକି ଯାତ୍ରା ନାଚ ଦେଖିବାକୁ ଯାଉଥିଲେ ମତେ ତାଙ୍କ ସାଥିରେ ନେଉଥିଲେ। ଏଥିଯୋଗୁ ନାଟକ ପ୍ରତି ଉତ୍ସାହିତ ହେଲି। ଗାଁରେ ଯେଉଁଠି ନାଟକଟିଏ ମଞ୍ଚସ୍ଥ ହୁଏ ସେଠାରେ ପହଞ୍ଚି ଯାଇଥାଏ। ସେତେବେଳେ ୫ମରେ ପଢୁଥିଲି। ମୋର ପ୍ରଥମ ଅଭିନୀତ ନାଟକ ଥିଲା 'ଏକଲବ୍ୟର ଗୁରୁଦକ୍ଷିଣା'। ଏଥିରେ ଅର୍ଜୁନ ଭୂମିକାରେ ଅଭିନୟ କରିଥିଲି। ଏହି ନାଟକକୁ ଦେଖିଥିବା ଦର୍ଶକମାନେ ମୋ ଅଭିନୟକୁ ଖୁବ ପ୍ରଶଂସା କରିଥିଲେ। ଏହା ମୋତେ ଆଗକୁ ପାଦ ପକାଇବାରେ ସହାୟକ ହୋଇଥିଲା। ଯେଉଁଠି ନାଟକହୁଏ ମୋ ଅଭିନୟ ଦେଖିବାକୁ ବାପା ସାଇକେଲ ନେଇ ସେଠାକୁ ଯାଉଥିଲେ। ଦିନଥିଲା କରଞ୍ଜିଆର ଏକ ଗାଁରେ ବାଉଁଶଖୁଣ୍ଟରେ ପେଟ୍ରୋମାକ୍ସ ଲାଇଟ ବାନ୍ଧି ମଞ୍ଚ ଆଲୋକିତ କରାଯାଉଥିଲା। ଆମେ ଅଭିନୟ କରୁଥିଲୁ। ଥରେ ଆଲୁଅ ଲିଭିଗଲା। ସେଠାରେ କେତେଜଣ ନାଟ୍ୟପ୍ରେମୀ ଧାଡ଼ିହୋଇ ମଶାଲ ଧରି ଠିଆହେଲେ। ଆମେ ସେହି ଆଲୁଅରେ ଅଭିନୟ କରିଥିଲୁ। ତୁରୁମୁଙ୍ଗା ଦଧିବାମନ ହାଇସ୍କୁଲରେ ପଢ଼ାସାରିବା ପରେ ଉଦଳା ଓ ଭଦ୍ରକ କଲେଜରେ ବିଏ ପାସ୍ କଲି। ଆମ ଗାଁର ୪/୫ଜଣ ସାଙ୍ଗ ଏକାଠି ହୋଇ କେତେବେଳେ ବସ୍‌ରେ ତ ପୁଣି କେତେବେଳେ ଟ୍ରେନ୍‌ରେ ନାଟକ ଦେଖିବାକୁ କଲିକତା ଯାଉଥିଲୁ। ଏଥିପାଇଁ ନିଜନିଜ ପକେଟମନିକୁ ଖର୍ଚ୍ଚ କରୁଥିଲୁ। କଲିକତାର ନନ୍ଦିକା ଫେଷ୍ଟିଭାଲକୁ ଦେଖି ଖୁସି ହେଉଥିଲୁ। ପୁଣି ଯେବେ ଦିଲ୍ଲୀ ଯାଏ ସେଠାରେ ଖବରକାଗଜ କିଣି ପଢୁଥିଲି କେଉଁଠି ଥିଏଟର ହେଉଛି ବୁଝି ସେଠାକୁ ବି ଯାଇ ଥିଏଟର ଦେଖେ। ଦିଲ୍ଲୀର ଲିଟଲ ଥିଏଟର ଗ୍ରୁପର ନାଟକ ଦେଖି ବେଶ୍ ଉତ୍ସାହିତ ହେଉଥିଲି । ନାଟ୍ୟ ନିର୍ଦ୍ଦେଶକ ଆଲେକଜାଣ୍ଡର ଡିନ୍‌ଙ୍କ ନାଟକ ବହି ପଢ଼ି ଅଧିକ ପ୍ରଭାବିତ ହୋଇଛି। ଯେତେବେଳେ ବାଣୀବିହାରର ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢିଲି, ସେହି ସମୟରେ ସକାଳୁ ସକାଳୁ ଭୁବନେଶ୍ୱରରୁ କଟକ ମଧୁସୂଦନ ଲ'କଲେଜକୁ ଯାଉଥିଲି ପଢ଼ିବାକୁ, ପୁଣି କଟକରୁ ଦିନ ପ୍ରାୟ ୧୨ଟା ସୁଦ୍ଧା ବାଣୀବିହାରରେ ପହଞ୍ଚି ଇତିହାସରେ ଏମ୍ଏ ପଢୁଥିଲି। ଏଠାରେ ଅଧିକାଂଶ ସମୟ ନାଟକ ବହି ପଢ଼ିବାକୁ ପସନ୍ଦ କରୁଥିଲି । ବିଶ୍ୱଜିତ ଦାସଙ୍କ ସଙ୍କେତ ନାଟ୍ୟ ସଂସ୍ଥାରେ ସଦସ୍ୟଭାବେ ଯୋଗଦେଇ ମୃଗୟା ଓ ସମ୍ରାଟ ନାଟକରେ ଅଭିନୟ କରିଥିଲି । ମୋ ଅଭିନୀତ ନାଟକ ମଧ୍ୟରେ– ମୃଗୟା, ସମ୍ରାଟ, ପଦ୍ମତୋଳା, ପ୍ରତିବିମ୍ବ, କୌଣସି ଜଣେ ଗୌତମ, ବନ୍ଦ ଘଣ୍ଟାର ସମୟ, ବିଜୟୀ ପାଣ୍ଡବ, କିମ୍ବଦନ୍ତୀ, ସୁବର୍ଣ୍ଣ ଯୁଗର ସନ୍ଧ୍ୟା ଆଦି ନାଟକ ପରିଚୟ ଦେଇଥିଲା। ତେବେ ୧୯୭୩ ମସିହାରେ ମୋର ପ୍ରଥମ ନିର୍ଦ୍ଦେଶିତ ନାଟକ ମଞ୍ଚସ୍ଥ ହେଲା। ସେବେଠାରୁ ଆଉ ପଛକୁ ଫେରି ନାହିଁ। କଲିକତା, ଜାମ୍‌ସେଦପୁର, ମୟୂରଭଞ୍ଜ, ଭୁବନେଶ୍ୱର, କଟକ, ସୁନ୍ଦରଗଡ଼, ରାଉରକେଲା ଆଦି ଅନେକ ସ୍ଥାନରେ ନାଟକ ମଞ୍ଚରେ ଅଭିନୟ କରିସାରିଛି। ମଞ୍ଚ ନାଟକ ସହିତ ଦୂରଦର୍ଶନରେ ସଂପର୍କ ଧାରାବାହିକରେ ଜଣେ ଅବସରପ୍ରାପ୍ତ ପ୍ରିନ୍‌ସିପାଲ ଭୂମିକାରେ ଅଭିନୟ କରିଥିଲି, ଯାହା ମତେ ଭିନ୍ନ ପରିଚୟ ଦେଇଥିଲା। ପରେ ପ୍ରାୟଶ୍ଚିତ୍ତ, ଝୁମୁକା, ହରିଭାଇ ହାବିଲଦାର, ଅଦେଖା ଲୁହ ଓ ତପ୍ତ ଉପତ୍ୟକା ଆଦି ଟେଲିସିରିଏଲରେ ଅଭିନୟ କରିସାରିଛି। ସମାଜରେ ଜନସଚେତନତା ପାଇଁ ଅଭିନୟ ଏକ ବଳିଷ୍ଠ ମାଧ୍ୟମ। ଥରେ ଭୁବନେଶ୍ୱରରେ ଏକ ନାଟକ 'ନଈର ଠିକଣା' ମଞ୍ଚସ୍ଥ କରାଯାଇଥିଲା। ସେତେବେଳେ ଏହାର ନିର୍ଦ୍ଦେଶନା ଦେଇଥିଲି। ଅଭିନୟ କରୁଥିବା କଳାକାରଙ୍କ ଅଭିନୟ ଏତେ ଜୀବନ୍ତ ଥିଲା ଯେ, ଏବେ ବି ମୋର ମନେ ଅଛି– ସେଦିନ ଏହି ନାଟକର ଗୋଟିଏ ଦୃଶ୍ୟ ଏମିତି ଥିଲା, ଯାହାକି ବିନା ମ୍ୟୁଜିକ, ବିନା ସଂଳାପ, କେବଳ ନୀରବତାରେ ହିଁ ଦର୍ଶକଙ୍କ ମନଛୁଇଁ ଯାଇଥିଲା। ଏହି ନାଟକର ନିର୍ଦ୍ଦେଶନା ପାଇଁ ଅନେକେ ଏବେ ବି ମତେ ମନେରଖିଛନ୍ତି। ନାଟ୍ୟ ଉତ୍ସବରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ୧୯୮୫ ଓ ୧୯୯୦ରେ ଶ୍ରେଷ୍ଠ ଅଭିନେତା, ୧୯୮୭ ଓ ୧୯୯୪ରେ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ଭାବେ ପୁରସ୍କୃତ ହୋଇଛି। ୨୦୦୫ରେ ଓଡ଼ିଶା ସଙ୍ଗୀତ ନାଟକ ତରଫରୁ ପୁରସ୍କୃତ ହୋଇଛି। ବିନ୍ଦୁବଳୟ, କଲ୍ଲୋଳ, ସଙ୍କେତ ସଂସ୍ଥାରୁ ପୁରସ୍କୃତ ହୋଇଛି। ଉତ୍କଳ ସାମ୍ବାଦିକ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହ–୧୯୯୫ରେ ପୁରସ୍କୃତ । ଏଯାଏ ପ୍ରାୟ ୪୭ଟି ନାଟକରେ ଅଭନୟ କରିସାରିଛି। ଏବଂ ପ୍ରାୟ ୨୮ଟି ନାଟକକୁ ନିର୍ଦ୍ଦେଶନା ଦେଇସାରିଛି। ନାଟକରେ ଉତ୍କଣ୍ଠା ରହିଲେ ତାହା ଦର୍ଶକଙ୍କ ମନଙ୍କୁ ଅଧିକ ବାନ୍ଧିରଖେ। ଭଲ ହୁଏ। ନାଟକରେ ଅଭିନୟ କରିବା ପୂର୍ବରୁ ଜଣେ ସାଧାରଣ ଦର୍ଶକ ଭାବେ ନାଟକକୁ ପଢ଼େ। ନାଟ୍ୟ ବିଷୟକୁ ନେଇ କଳାକାରଙ୍କ ଅଭିନୟ ପାଇଁ ବଛାଯାଇଥିବା ଚରିତ୍ରର ଭୂମିକାକୁ ନେଇ ସଂଳାପର ସ୍ୱର, ଭାବଭଙ୍ଗୀ ପରିସ୍ଥିତି ଓ ପରିବେଶକୁ ନଜରରେ ରଖି ନିର୍ଦ୍ଦେଶନା ଦେଇଥାଏ। ପଲ୍ଲବୀ ଏକନାଟ୍ୟ ଅନୁଷ୍ଠାନଟିଏ ଗଢ଼ିଥିଲି। ଏବେ ବୟସ ଅଧିକ ହେବାରୁ ଆଉ ଅଭିନୟରେ ଯୋଗଦେଇପାରୁନାହିଁ। କିନ୍ତୁ ନାଟକ ପ୍ରତି ମୋର ଆଗ୍ରହ ସର୍ବଦା ରହିଛି। ବହିଦୋକାନରେ ବ୍ୟବସାୟ ଚାଲିଛି। ପରିବାରରେ ୨ଭାଇ ଓ ମୋର ୩ ଭଉଣୀ। ଏବେ ମୋର ପୁଅ, ଝିଅ ଓ ପତ୍ନୀଙ୍କୁ ନେଇ ମୋର ଛୋଟ ସଂସାର, କିନ୍ତୁ ନାଟକରେ ଅଭିନୟ ଓ ନିର୍ଦ୍ଦେଶନା ଭିନ୍ନ ଏକ ସଂସାର।

–ବନବିହାରୀ ବେହେରା













# ସମୁଦ୍ର ଓ କଙ୍କି

**ଭବାନୀ ଭୂୟାଁ**

**ଭୋକ**
ଆପେ ଆପେ ଟାଣିନିଏ
ସମୁଦ୍ରକୁ ।
ମୋ ପରିଧିରେ
ମୁଁ ତ ବେଶ ଥିଲି ।
ତୋ କୂଳରେ ବସୁଥିଲି ,
ଗୁଡ଼କଙ୍କ ପଛରେ ଗୋଡାଉଥିଲି ,
ଶାମୁକାରେ ବନ୍ଧ ବାନ୍ଧୁଥିଲି ,
ବାଲିରେ ଛାତ ଗଢୁଥିଲି ।
ଜାଣେ
ମୁଁ ଫିନିକ୍ସ ପରି ଉଡିପାରିବିନି ।
କଇଁଚ ପରି ବୁଡିପାରିବିନି ।
ଦୌଡ଼ିଯାଇ ଲୁଚିପାରିବିନି
କଙ୍କଡା ପରି ।
ତଥାପି ସମୁଦ୍ରର ଲୋଭ
ଟାଣିଆଣି ଫିଙ୍ଗୁଥିଲା
ଲୁଣି ଲୁଣି ବାଲୁକାରାଶିରେ ।
ବିନା ସାହାରାରେ ।
କିଏ ଏବେ ଦେଖୁଥିବ
ମୋ ଦେହର
ଫିକା ଫିକା ବିଚିତ୍ର ରଙ୍ଗକୁ !
କିଏ ଏବେ ନିରଖୁ ଥିବ
ମୋ ଓଦା ସର ସର
ବାଲି ଜର ଜର ଡେଣାକୁ !
କିଏ ଅବା
ସୂତା ଖିଏ ଧରି ଯୋଜନୁଥିବ
ଲଟକାଇ ଦେବାପାଇଁ
ମୋ ଲାଞ୍ଜକୁ !
ଏବେ ମୁଁ ସ୍ଥିର , ନିଶ୍ଚଳ
ଆହୁଲା ନ ଥିବା ଡଙ୍ଗାଟିଏ
ଶୁଖିଲା ସମୁଦ୍ର ବାଲିରେ ।
ଜାଣେ , ଭୋକ ପୁଣି ମୋତେ ଡାକିନେବ
ଆପଣା ସୁରରେ ।

*–ସ୍ୱର୍ଗଦ୍ୱାର, ପୁରୀ, ମୋ: ୯୩୪୮୫୬୩୫୧୦*



# ଋଣ

**–ସୁଷମା ପରିଜା**

**ନ**ଖିଆ ମା’ ଗୋଡ ତଳେ ଲାଗୁ ନଥିଲା, କାଲି ରାତି ପାହିଲେ ମା’ କୋଚିଲେଇଙ୍କ ମନ୍ଦିରରେ ଜାମିର ବାହାଘର । ବାପଛେଉଣ୍ଡ ଝିଅଟା ବୋଲି ଗାଆଁବାଲା ସମସ୍ତେ ମିଳିମିଶି ସାହାଯ୍ୟ ସହଯୋଗ କରିଛନ୍ତି ଝିଅର ବାହାଘର ପାଇଁ। ପାଖ ଗାଆଁର ଚାଷବନ୍ଧୀ ପରିବାରର ପୁଅ ଜନାର୍ଦ୍ଦନ। ତା’ର ବି ମାଆଟି ମରି ଯାଇଛି ଦି’ବରଷ ହେଲା। ବାପ ପୁଅ ଏକା ରାନ୍ଧିବାଢି ଖାଇପିଇ ଜମିଜମା ଦେଖିବାକୁ ହଇରାଣ ହରକତ ହେଉଥିଲେ ବୋଲି ଗାଆଁର ହରି ଅବଧାନ ଜାମିର ପ୍ରସ୍ତାବଟି ଦେଇଥିଲେ। ମା’ କୋଚିଲେଇଙ୍କ ଦୟାରୁ ସବୁ ଠିକ୍ ଠାକ୍ ହୋଇଗଲା। ବିନା ଯୌତୁକରେ ବାହାଘର, ଭାଗ୍ୟରେ ଥିଲେ ମିଳେ ଏମିତି ପ୍ରସ୍ତାବ। ନଖିଆ ମା’ ଅଣ୍ଟାରେ ଲୁଗାଭିଡି ସବୁ ଗୋଟି ଗୋଟି କରି ସଜାଡି ରଖୁଛି ଝିଅ ପାଇଁ। ସକାଳୁ ମଙ୍ଗନ ହାଣ୍ଡି ବସି ଦିଅଁ ମଙ୍ଗୁଳା ସରିଛି, ଦିନ ଦଶଟା ବେଳକୁ ହରି ଅବଧାନ ନସରପସର ହୋଇ ପଶିଲା ନଖିଆ ବୋଉର ନୂଆଁଣିଆଁ ଚାଳ ଘର ଭିତରକୁ । ସେ ଫୁସ୍ ଫୁସ୍ ହୋଇ କ’ଣ କହିଲା କେଜାଣି ଘର ଭିତରୁ ଶୁଭିଲା ନଖିଆ ମା’ର ବିକଳ ବାହୁନା ... ଆଲୋ ମୋ’ ରାଣୀ ଲୋ.. ତୋ’ କପାଳରେ ପୁଣି ଏ ଦଶା ଥିଲା କି ମୋ’ ରାଣୀ ଲୋ.. କାହାକୁ ଏବେ ତୁ’ କେମିତି ମୁହଁ ଦେଖାଇବୁ କି .. ମୋ ରାଣୀ ଲୋ.. । କାନ୍ଦଣା ଶୁଣି ଗାଆଁ ଯାକ ଲୋକ ରୁଣ୍ଡ ହେଲେ ସେଠି । କାରଣ ଜାଣିବାକୁ ବାକି ରହିଲାନି ଯେ ଜନାର୍ଦ୍ଦନ କହିଛି ମଟର ସାଇକେଲ୍ ନଦେଲେ ସେ ବର ହୋଇ ଆସିବ ନାହିଁ ... ସମସ୍ତେ ବୁଝାଇ ସାରିଲେଣି, କାହାରି କଥା ଶୁଣୁନାହିଁ ସେ। ଘରେ କବାଟ କିଳି ବସିଛି, ବାଧ କଲେ ଦଉଡି ଦେଇଦେବ କହୁଛି । ଗାଆଁ ସାରା କୋଳାହଳ। ମନ୍ଦିରରେ ତେଣେ ସବୁ ସଜ ହୋଇ ସାରିଛି। ଏଣେ ମଙ୍ଗୁଳା କନ୍ୟା .. । ପୁଣି ଥରେ ସମସ୍ତେ ବୁଝାଶୁଝା କଲେ ଜନାର୍ଦ୍ଦନକୁ .. ନା’ ସବୁ ନିଷ୍ଫଳ ହେଲା । ଦିନ ଗଡି ସଞ୍ଜ ହେଲା, ସଞ୍ଜ ଗଡି ରାତି ହେଲା । ରାତି ପାହିଲେ କନ୍ୟା ବାସନ୍ଦ ହେବ ସାରା ଜୀବନ ପାଇଁ । ଘଡି କି ଘଡି ମୂର୍ଚ୍ଛା ଯାଉଛି ଜାମି, ମୁଣ୍ଡ କୋଡି କାନ୍ଦି କାନ୍ଦି ହାଲିଆ ହେଲାଣି ନଖିଆ ମା’।

ପଡୋଶୀମାନେ ବାହୁଡି ଗଲେଣି ଯେଝା ଘରକୁ। ଛପି ଛପିକା ଅନ୍ଧାର ଭିତରେ ବାଡି ପଟ ଦେଇ କାହାକୁ ପଶିବାର ଦେଖି, କିଏ ? କିଏ ? ବୋଲି ହାଉଳି ଖାଇ ଉଠିପଡିଲା। ଛାୟା ମୂର୍ତ୍ତିଟିଏ ଧାଇଁ ଆସି ନଖିଆ ମା’ ର ପାଟିକୁ ଚାପି ଧରି ତା’ କାନ ପାଖରେ ଚୁପ୍ ଚୁପ୍ କରି କହିଲା ଏ ବୋଉ ! ପାଟି କରନା, ମୁଁ ନଖିଆ .. ତୋ’ ନଖିଆ ପରା...। ଶାଢୀ ପିନ୍ଧି ଓଢଣାରେ ମୁହଁ ଢାଙ୍କିଥିବା ଛାୟାମୂର୍ତ୍ତିଟି ମୁହଁ ରୁ ଓଢଣା ଆଡେଇ ଦେଇ ବ୍ଲାଉଜ୍ ଭିତରୁ ବିଡାଏ ଟଙ୍କା ବାହାର କରି ଗୁଞ୍ଜି ଦେଲା ନଖିଆ ମା’ ହାତରେ ନେ’ ପଚାଶ ହଜାର ଅଛି। ଏଇ ରାତି ଭିତରେ ଚୁପ୍ କରି ଦେଇଦେବୁ ସେ ଜନାର୍ଦ୍ଦନକୁ। ସେ ଆସି ବାହା ହେବ ଜାମିକୁ । ମୁଁ ସିନା ମରି ମରି ବଞ୍ଚି ରହିଛି, ହେଲେ ମୋ’ ସୁନା ଭଉଣୀ ଯମୁନାକୁ ମଙ୍ଗୁଳା କନିଆଁ ହୋଇ ମରିବାକୁ ଦେବି ନାହିଁ । ଦଶ ବର୍ଷ କାଳ ସେ ମୋ’ ହାତରେ ରାକ୍ଷୀ ବାନ୍ଧିଥିଲା। ସେଇ ରାକ୍ଷୀର ଋଣ ଅଛିନା’ ମୋ’ ଉପରେ। ସେଇ ଋଣ ଶୁଝିବା ପାଇଁ ଏ ଅନ୍ଧାର ରାତିରେ ମୁଁ ଲୁଚି ଲୁଚି ଆସିଛି। ତୁ’ ଭାବୁଥିବୁ ଆଠ ବର୍ଷ ହେଲା ଘର ଛାଡିଥିବା ତୋ’ର ଏ କୁଳାଙ୍ଗାର ସନ୍ତାନଟା ଆଜି କେମିତି ଆସିଲା ? କୋଉଠୁ ଖବର ପାଇଲା ? ହେଲେ ଏତିକି ଜାଣିଥା’ ବୋଉ ! ବାପା ସିନା ମୋ’ ମୁହଁ ଚାହିଁବେନି କହି ଘରୁ ତଡି ଦେଇଥିଲେ ମୋତେ କିନ୍ତୁ ମୁଁ କେମିତି ଭୁଲିଥାନ୍ତି ତୁମମାନଙ୍କୁ ? ତୁମମାନଙ୍କ ଛଡା ଏ ଦୁନିଆଁରେ ଆଉ କିଏ ଅଛି ଯେ ମୋ’ର ? ସେଥିପାଇଁ ତୁମମାନଙ୍କ ଅଲକ୍ଷ୍ୟରେ ସବୁବେଳେ ତୁମମାନଙ୍କ ଖବର ବୁଝିଥାଏ ଏଇ ଗାଆଁର ଜଣକ ପାଖରୁ। ତା’ରି ପାଖରୁ ବାପାଙ୍କର ମୃତ୍ୟୁ ଖବର ପାଇଥିଲି ଆଉ ଆଜି ସେଇ ମତେ ଜାମିର ବାହାଘର ଭାଙ୍ଗିଯିବା କଥା କହିଲା। ସବୁକଥା ଶୁଣି ଧୈର୍ଯ୍ୟ ଧରି ରହି ପାରିଲିନି ଲୋ’ ବୋଉ। ଗୋଟିଏ ବୋଲି ଭଉଣୀ ମୋ’ର, ତା’ ଜୀବନ ନର୍କ ନ ହେଉ ସେଇଥିପାଇଁ ସମସ୍ତଙ୍କୁ ଲୁଚି ଲୁଚି ଆସିଲି ଏ ଅନ୍ଧାର ଭିତରେ। କାଳେ କେହି ମୋତେ ଦେଖିଦେଲେ ପୁଣି ତତେ ଗଞ୍ଜଣା ଦେବେ, ଏକ ଘରିକିଆ କରିବାର ଧମକ ଦେବେ।

କଇଁ କଇଁ ହୋଇ କାନ୍ଦି ଉଠି ଶାଢୀ ପିନ୍ଧା ନଖିଆକୁ କୁଣ୍ଢେଇ ପକାଇଲା ନଖିଆ ମା’ । ଫୁସ୍ ଫାସ୍ କଥା ଶୁଣି ନିଦ ମଳମଳ ହୋଇ ଉଠି ଆସିଥିଲା ଜାମି । ଆଠବର୍ଷ ତଳେ ଘର ଛାଡି ଚାଲିଯାଇଥିବା ଭାଇକୁ ଏମିତି ବେଶରେ ଦେଖି ହତଚକିତ ହୋଇ ଚାହିଁ ରହିଥିଲା। ତା’ ଆଖିରୁ ଝରୁଥିଲା ଅମାନିଆଁ ଲୁହଧାର । ନଖିଆ ତା’ ପାଖକୁ ଯାଇ ତା’ ମୁଣ୍ଡରେ ହାତ ରଖିଲା। ମାଆ କୁ କହିଲା ...

ସେଦିନ ସିନା ବାପା ସାଇଭାଇଙ୍କ ଜିଗରକୁ ଡରି ଯାଇ ମୋତେ ଘରୁ ବାହାର କରି ଦେଇଥିଲେ ଆଉ ତୁ’ ଅସହାୟ ଥିଲୁ, ତାହିଁଲେ ବି କୌଣସି ପ୍ରତିବାଦ କରି ପାରିନଥିଲୁ । ହେଲେ ଆଜି ତୁ ଅସହାୟ ନୁହଁ, ତୋ’ ପୁଅ ଅଛି ତୋ’ ପାଇଁ, ଜାମି ପାଇଁ ତା’ ଭାଇ ଅଛି । ହୋଇପାରେ ମୁଁ ଜଣେ କିନ୍ନର, ତୃତୀୟ ଲିଙ୍ଗ, ତଥାପି ସବୁର ଉପରେ ମୁଁ ଜଣେ ମଣିଷ ନା’। କହିଲୁ ବୋଉ ! କିନ୍ନର ହୋଇ ଜନ୍ମ ନେବା କ’ଣ ମୋ’ ଆୟତ୍ତରେ ଥିଲା ? ନା’ ତୋ’ର କି ବାପାଙ୍କର ଆୟତ୍ତ ରେ ? ? ତଥାପି ସେମାନଙ୍କ ଏକ ଘରିକିଆ କରିଦେବୁ, ନିଆଁ ପାଣି ବନ୍ଦ କରିଦେବୁର ଧମକ ଆଗରେ ତମେ ମୁଣ୍ଡ ନୁଆଁଇଲ। ପୁଅରେ ନୁହଁ, ବାରଶ’ ବଢେଇ ରେ ଦାୟ କହି ଅନ୍ଧାର ରାତିରେ ଘରୁ ବାହାର କରି କବାଟ କିଳିଦେଲ । ଥରେ ହେଲେ ବି ବାପା ଭାବିଲେନି ଯେ ପନ୍ଦର ଷୋହଳ ବର୍ଷର ଛୁଆଟା କୋଉଠିକି ଯିବ ? କେମିତି ବଞ୍ଚିବ ? ? ଘରୁ ବାହାର କରିଦେଲେ କିଏ ତା’କୁ ଆଶ୍ରୟ ଦେବ ? ? ?

ସେଦିନ ରାତିରେ କାନ୍ଦି କାନ୍ଦି ମୁଁ ବାହାରିଗଲି ଘରୁ..., ଆତ୍ମହତ୍ୟା କରିବାକୁ ସାହସ ହେଲାନି, ତେଣୁ ପାଦ ଯୁଆଡେ ନେଇଗଲା ଚାଲିଲି। କୋଉ ଦୋକାନ ପିଣ୍ଡାରେ ଶୋଇଲି, କୋଉ ଜଳଖିଆ ଦୋକାନରୁ ମାଗି ଖାଇଲି, ଭାବିଲି କିଛି କାମଧନ୍ଦା କରି ଚଳିବି । ହେଲେ ସେତକ ବି ଦଇବ କରାଇଦେଲାନି। ଯେଉଁଠିକି ଗଲି ସେଇ ମାଇଚିଆ ଶବ୍ଦ ଭୂତ ହୋଇ ଗୋଡାଇଲା ମତେ। ଯିଏ ବି ସାହାଯ୍ୟ କଲା ତା’ର ପ୍ରତିଦାନ ମୋ’ଠୁ ଆଦାୟ କରିନେଲା । ବହୁତ କଷ୍ଟ ସହିଲି ବୋଉ। ଶେଷରେ ମୁଁ ସ୍ୱଇଚ୍ଛାରେ ବରି ନେଲି ସେଇ ବୃତ୍ତିକୁ। ସେଇ ବୃତ୍ତିରେ ଆଜି ମୁଁ ଆତ୍ମନିର୍ଭରଶୀଳ । ତୁମ ମାନଙ୍କ ପାଇଁ କିଛି କରି ପାରିଲେ ମୋ’ର ଆତ୍ମା ଶାନ୍ତି ପାଇବ। ମୁଁ ଜାଣେ ଜନାର୍ଦ୍ଦନ ଭଲ ପିଲା, ସେ ଜାମିକୁ ଭଲରେ ରଖିବ ଆଉ ତୋ’ତେ ମଧ୍ୟ ଦେଖିବ। ମୁଁ ଦୂରରେ ଥିଲେ ମଧ୍ୟ ନିଶ୍ଚିନ୍ତ ତୁମର ହୋଇ ରହିବି । ଏବେ ମୁଁ ଯାଉଛି, ଯଦି କିଏ ଦେଖିଦେବ, ତୁମମାନଙ୍କ ଅଡୁଆ ବଢିଯିବ ..ଯାହା କହିଲି ସେଇ କଥା କରିବୁ.. ରାତି ପାହିଲା ବେଳକୁ ଜାମି ଯେମିତି ବେଦୀରେ ବସିଥିବ .. ବୁଝିଲୁ ।

ଥା’ ଲୋ ବୋଉ ... କହି ଅନ୍ଧାର ଭିତରେ ମିଳାଇ ଗଲା ଛାୟା ମୂର୍ତ୍ତିଟି। ଆଖିରୁ ଲୁହ ପୋଛି ଅଣ୍ଟାରେ କାନି ଗୁଡେଇ ଏଥର ଉଠିଲା ନଖିଆ ମା’ ଆଉ ପାଦ ବଢାଇଲା ଜନାର୍ଦ୍ଦନର ଘର ଆଡକୁ...... ଛାତି ଭିତରଟା କୋରି ହୋଇ ଯାଉଥିଲେ ବି ଜାମିର ଭବିଷ୍ୟତ ପାଇଁ ତା’କୁ ଯିବାକୁ ପଡିବ ନିଶ୍ଚୟ ...

*–ଶାରଳା ଭବନ ପୋତାପୋଖରୀ ନୂଆବଜାର କଟକ*
*ମୋ: ୯୩୩୭୨୭୨୬୪୭*

# ହୀରୋଗିରି



ମେଘା-ଆକାଶ

ଏହି ଫିଲ୍ମର ଟାଇଟଲରୁ ଜଣାପଡୁଛି ଯେ, ଏହାର କାହାଣୀ ନିଶ୍ଚୟ ଆକ୍ସନଭିତ୍ତିକ। ହେଲେ ସେଥିରେ ଲଭ୍, ଇମୋଶନ, କମେଡି ମଧ୍ୟ ରହିଛି। ହଁ, ଦୀର୍ଘ କିଛି ବର୍ଷ ଧରି ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ହୀରୋଗିରି'ରୁ ଦର୍ଶକ ଏପରି ଚାର୍ମ ପାଇବେ। ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ଏହାର ପ୍ରଯୋଜକ ସତ୍ୟପ୍ରିୟ ବେହେରା। ସେ ଉକ୍ତ ଚିତ୍ରର ପ୍ରଯୋଜନା କରିବା ସହ କାହାଣୀ ମଧ୍ୟ ରଚନା କରିଛନ୍ତି। ଚିତ୍ରନାଟ୍ୟ ଏବଂ ସଂଳାପ ଲେଖିଛନ୍ତି ଡ. ନିର୍ମଳ ନାୟକ। ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଅଭିଜିତ ମଜୁମଦାର। ଫିଲ୍ମର ନାୟକ ଆକାଶ ସାଜିଥିବା ବେଳେ ତାଙ୍କର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ବଙ୍ଗୀୟ ଅଭିନେତ୍ରୀ ମେଘା ଘୋଷ। ଗୀତଗୁଡିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ବିନୋଦ ରାଠୋଡ, ପାମେଲା ଜୈନ ଏବଂ ସ୍ୱୟଂ ପାଢ଼ୀ। ଅଶ୍ୱିନୀ ଗଡନାୟକଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସମରେଶ ରାଉତରାୟ, ପିଣ୍ଟୁ ନନ୍ଦ, ସ୍ନିଗ୍ଧା ମହାନ୍ତି, ପୁଷ୍ପା ପଣ୍ଡା, ଗୁଡୁ ବିଦୁସ୍ମିତା, ପ୍ରକୃତି ମିଶ୍ର, ସ୍ୱର୍ଗତ ସଲୀଲ ମିତ୍ର, ମୀନକେତନ, ଦେବୁ ବୋଷ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।



ମାନୁଷୀ

# ମନ ଜିଣିବେ ବାଣୀ

ବାଣୀ କପୁର ଏବେ ଦିନ ଗଣିବା ଆରମ୍ଭ କରିଦେଲେଣି। ଆଉ କେଇଟା ସପ୍ତାହ ପରେ ସେହି ଶୁଭ ଦିନ ଆସିବ। ସେଦିନ ଏମିତି କ'ଣ ହେବ ଯେ ତାହାକୁ ବେଶ୍ ଉତ୍ସୁକତାର ସହ ସେ ଅପେକ୍ଷା କରିଛନ୍ତି ? ସେହି ଦିନ ବାଣୀଙ୍କ ଅଭିନୀତ ସିନେମା 'ଚଣ୍ଡୀଗଡ କରେ ଆସୀକୀ' ପରଦା ଉପରକୁ ଆସିବ। ଅର୍ଥାତ୍ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ଏହି ଫିଲ୍ମ ଚଳିତବର୍ଷ ଡିସେମ୍ବର ୧୦ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି। ଯେତେବେଳେ ସେ ଏକଥା ଜାଣିଲେ ସେତେବେଳେ ତାଙ୍କର ଖୁସି ଦେଖେ କିଏ। ଏ ନେଇ ବାଣୀ କହନ୍ତି, 'ଏହି ଫିଲ୍ମର କାହାଣୀ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ତା'ସହ ଏହାର ଉପସ୍ଥାପନା କୌଣସି ଗୁଣରେ କମ୍ ହୋଇନାହିଁ। ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୧୦ରେ ରିଲିଜ ହେବାକୁ ଯାଉଛି। ମୋର ପରିଶ୍ରମର ମୂଲ୍ୟ ଦର୍ଶକ ନିଶ୍ଚୟ ବୁଝିବେ ବୋଲି ଆଶା ରହିଛି।' ଅଭିଷେକ କପୁରଙ୍କ ନିର୍ଦ୍ଦେଶିତ 'ଚଣ୍ଡିଗଡ କରେ ଆସୀକୀ'ରେ ବାଣୀଙ୍କ ଅପୋଜିଟ୍‌ରେ ନାୟକ ସାଜିଛନ୍ତି ଆୟୁଷ୍ମାନ ଖୁରାନା।



ବାଣୀ

# ଡବଲ ଖୁସି

ନବାଗତା ତଥା ମିସ୍ ଇଣ୍ଡିଆ ଏବଂ ମିସ୍ ୱାର୍ଲ୍ଡ ଟାଇଟଲ ବିଜୟିନୀ ମାନୁଷୀ ଚିଲ୍ଲର। ନିଜର ପ୍ରଥମ ସିନେମା 'ପୃଥ୍ୱୀରାଜ'କୁ ନେଇ ସେ ଟେନସନରେ ଥିଲେ। କାରଣ କରୋନା ପାଇଁ ଫିଲ୍ମର ରିଲିଜ ଡେଟ୍ ଫାଇନାଲ ହୋଇପାରୁ ନ ଥିଲା। ଏବେ ଏହି ସିନେମା ଆସନ୍ତା ବର୍ଷ ଜାନୁୟାରୀ ୨୧ରେ ପରଦା ଉପରକୁ ଆସିବ। ନିକଟରେ ଏହାର ପ୍ରଥମ ଟିଜର ରିଲିଜ ହେବା ସହ ବେଶ୍ ଭାଇରାଲ ହୋଇଛି। ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଅକ୍ଷୟ କୁମାର। ଏ ନେଇ ମାନୁଷୀ କହନ୍ତି, 'ଅକ୍ଷୟ କୁମାର, ସଞ୍ଜୟ ଦତ୍ତଙ୍କ ପରି କଳାକାରଙ୍କ ସହ ଆକ୍ଟିଂ କରିବା ପରେ ମୋର ଖୁସି କହିଲେ ନ ସରେ। ସେମାନଙ୍କ ନିକଟରୁ ମୁଁ ଅଭିନୟ ବିଷୟରେ ଅନେକ କଥା ଶିଖିଛି। ଯଶରାଜ ପରି ନାମୀ ବ୍ୟାନରରେ ମୁଁ ବଲିଉଡ୍‌ରେ ମୋ ଆକ୍ଟିଂ କ୍ୟାରିୟର ଆରମ୍ଭ କରୁଛି, ତାହା ମୋ ପାଇଁ ବଡ କଥା। ଏହାର ପ୍ରଥମ ଟିଜର୍‌କୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋତେ ଆହୁରି ଖୁସି କରିଛି।' ଆଦିତ୍ୟ ଚୋପ୍ରାଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଚନ୍ଦ୍ର ପ୍ରକାଶ ଦ୍ୱିବେଦୀ। ଅକ୍ଷୟ କୁମାର, ସଞ୍ଜୟ ଦତ୍ତ ଏବଂ ମାନୁଷୀ ଚିଲ୍ଲରଙ୍କ ବ୍ୟତୀତ ଏଥିରେ ସୋନୁ ସୁଦ୍ ମଧ୍ୟ ଅଭିନୟ କରିଛନ୍ତି।

# ଅକ୍ଷୟଙ୍କ ମହାନତା

ବଲିଉଡ୍‌ରେ ଅକ୍ଷୟ କୁମାର କେତେ ଲୋକପ୍ରିୟ ତାହା କହିବା ଅନାବଶ୍ୟକ। ଇତି ମଧ୍ୟରେ ସେ ନିଜକୁ ଜଣେ ଦକ୍ଷ ତଥା ଆଗଧାଡିର ଅଭିନେତା ଭାବରେ ପରିଚିତ କରାଇ ସାରିଛନ୍ତି। କେବଳ ସେତିକି ନୁହେଁ, ଭୂମିକା ଯେପରି ହେଉ ନା କାହିଁକି ତାହାକୁ ତୁଲାଇବାରେ ସେ ବେଶ୍ ସିଦ୍ଧହସ୍ତ। ନିକଟରେ ସେ ଶୁଟିଂ ଚାଲିଥିବା ତାଙ୍କର ଏକ ଅନଟାଇଟଲଡ ସିନେମାର ୟୁନିଟ ସଦସ୍ୟଙ୍କୁ ରାତ୍ରଭୋଜନରେ ଆପ୍ୟାୟିତ କରିଥିଲେ। କେବଳ ସେତିକି ନୁହେଁ, ସ୍ପଟ ବୟ, ଲାଇଟ୍‌ବୟମାନଙ୍କୁ କିଛି ଆର୍ଥିକ ସହାୟତା ମଧ୍ୟ ଦେଇଥିଲେ। ସମୟାନୁବର୍ତ୍ତିତା ପାଇଁ ଅକ୍ଷୟ ବେଶ୍ ପ୍ରଶଂସିତ। ଭୋର ୫ଟାରେ ବିଛଣା ଛାଡିବା ପରେ ନିଜର ନିତ୍ୟକର୍ମ ଶେଷ କରନ୍ତି ଏବଂ ଠିକ୍ ସମୟ ପୂର୍ବରୁ ଶୁଟିଂ ସେଟ୍‌ରେ ପହଞ୍ଚି ଯାଆନ୍ତି। ରାତ୍ରଭୋଜନ ସେ ସୂର୍ଯ୍ୟାସ୍ତ ପୂର୍ବରୁ ଶେଷ କରନ୍ତି। ଅକ୍ଷୟଙ୍କର ପ୍ରକୃତ ନାମ ହେଲା ରାଜୀବ ହରି ଓମ୍ ଭାଟିଆ। ହରି ଓମ୍ ହେଉଛନ୍ତି ତାଙ୍କ ପିତା। ଏପରି କି ଅକ୍ଷୟ ନିଜ ହୋମ୍ ବ୍ୟାନରର ନାମ ରଖିଛନ୍ତି 'ହରି ଓମ୍ ପ୍ରଡକ୍ସନ'। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ଅକ୍ଷୟ ଏକ ରେଷ୍ଟୁରାଣ୍ଟରେ ସେଫ୍ ଏବଂ ୱେଟର ଭାବରେ କାମ କରୁଥିଲେ।



ଅକ୍ଷୟ



ରକୁଲ୍

# ବେଡ୍ ରୁମ୍ ଶଟ୍ ପାଇଁ..

ରକୁଲ୍ ପ୍ରୀତ ସିଂଙ୍କ ଟେନସନ ଏବେ ବଢ଼ିଯାଇଛି। କାରଣ ତାଙ୍କୁ ଯେଉଁ ନୂଆ ଅଫରଟି ମିଳିଛି ତାହା ହିଁ ତାଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। କଥା କ'ଣ କି ଏହି ଫିଲ୍ମରେ ତାଙ୍କୁ ତ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ, ତା'ସହ ଏଥିରେ ଏକ ବେଡ୍ ରୁମ୍ ଦୃଶ୍ୟ ମଧ୍ୟ ରହିଛି। ଏକଥା ଶୁଣିବା ପରେ ସେ କି ନିଷ୍ପତ୍ତି ନେବେ ଜାଣିପାରି ନ ଥିଲେ। ଏହି ଫିଲ୍ମରେ ସେ ଆକ୍ଟିଂ କରିବେ କି ନାହିଁ ତାହା ମଧ୍ୟ ଫାଇନାଲ ହୋଇନାହିଁ। କାରଣ ଏ ନେଇ ରକୁଲ୍ ଦୁଇ ସପ୍ତାହ ସମୟ ନେଇଛନ୍ତି। ଏପରି ଅଫର ବିଷୟରେ ସେ କହନ୍ତି, 'ଏହି ନୂଆ ଫିଲ୍ମର କାହାଣୀ ମୋତେ ପ୍ରଭାବିତ କରିଛି ସତ, ହେଲେ ଏଥିରେ କେତୋଟି ସିନ୍ ମୋ ପାଇଁ ଟେନସନର କାରଣ ସାଜିଛି। କାହାଣୀ ଅନୁସାରେ ଏକ କ୍ଲୋଜ୍ ବେଡ୍ ରୁମ୍ ଶଟ୍ ରହିଛି, ଯାହା ମୋତେ ଅଡୁଆରେ ପକାଇଛି। ତେବେ ଏପରି ଅଫରକୁ ଗ୍ରହଣ କରିବି କି ନାହିଁ ସେଥିପାଇଁ ଦୁଇ ସପ୍ତାହ ସମୟ ନେଇଛି। ଏହା ଭିତରେ ନିଶ୍ଚୟ ଫାଇନାଲ ଡିସିସନ ନେବି। ତେବେ ଯାହା ଶୁଣାଯାଉଛି ଯେ ମୁଁ ଏଥିପାଇଁ ଅଧିକ ପାରିଶ୍ରମିକ ଡିମାଣ୍ଡ କରୁଛି ତାହା ମିଛ।' ତେବେ ଏପରି ଅଫରକୁ ରକୁଲ୍ ଗ୍ରହଣ କରୁଛନ୍ତି ନା ମନା କରୁଛନ୍ତି ତାହା ଅଳ୍ପଦିନ ମଧ୍ୟରେ ଜଣାପଡିଯିବ।

# କମେଡି ନିଶାରେ ତାପସୀ

ତାପସୀ ପାନ୍ନୁ ଏବେ ଗୋଟିଏ କଥା ଚିନ୍ତା କରୁଛନ୍ତି। କେମିତି ବ୍ୟାକ୍-ଟୁ-ବ୍ୟାକ୍ କମେଡି ଫିଲ୍ମରେ ଅଭିନୟ କରିବେ। ହେଲେ ହଠାତ୍ ତାଙ୍କର କମେଡି ପ୍ରତି ମନ ଢ଼ଳିଲା କାହିଁକି ? କଥା କ'ଣ କି ସେ ଅଭିନୟ କରିଥିବା ନୂଆ ସିନେମା 'ଓ୍ୱ ଲଡକି ହେ କହାଁ'ରେ ତାଙ୍କୁ ମିଳିଛି କମେଡି ଭୂମିକା। ପୁଣି ପ୍ରଥମ ଥର ପାଇଁ ସେ ଏପରି ରୋଲ୍‌ରେ ଅବତୀର୍ଣ୍ଣ ହୋଇଛନ୍ତି। ଏ ସମ୍ପର୍କରେ ତାପସୀ କହନ୍ତି, 'ଯେତେବେଳେ ଏହି ଫିଲ୍ମର ନିର୍ଦ୍ଦେଶକ ସିଦ୍ଧାର୍ଥ କପୁର ମୋତେ ଏପରି ଭୂମିକା ବିଷୟରେ କହିଲେ ସେତେବେଳେ ମୁଁ ଟିକେ ଅଡୁଆରେ ପଡିଯାଇଥିଲି। କାରଣ ପୂର୍ବରୁ କେବେ ମୁଁ କମେଡି ରୋଲ୍‌ରେ ଅଭିନୟ କରି ନ ଥିଲି। ମୋତେ ଲାଗିଲା ସତେ ଯେମିତି ଏହି ଫିଲ୍ମଟି ମୋ ପାଇଁ ଚ୍ୟାଲେଞ୍ଜ। ଏହା ରିଲିଜ ହେବା ପରେ ହିଁ ଦର୍ଶକ ମୋତେ ଏପରି ଭୂମିକାରେ ଗ୍ରହଣ କରୁଛନ୍ତି କି ନାହିଁ ଜଣାପଡିବ। ହେଲେ ଏଥିରେ ଆକ୍ଟିଂ କରିବା ପରେ ମୋର କମେଡି ଫିଲ୍ମ ପ୍ରତି ଆଗ୍ରହ ବଢ଼ିଯାଇଛି। ଆଗକୁ ଏପରି ଅଫର ମିଳିଲେ ତାହାକୁ ମୁଁ ମନା କରିବି ନାହିଁ।' ଏହି ଫିଲ୍ମରେ ତାପସୀଙ୍କ ନାୟକ ଭୂମିକାରେ ପ୍ରତୀକ ଗାନ୍ଧୀଙ୍କୁ ଦେଖିବାକୁ ମିଳିବେ।



ତାପସୀ

# ଦରମା ପାଇବା ପରେ ମା’ ଭଗବତୀଙ୍କ ଦର୍ଶନ କରିଥିଲି

ପ୍ରଥମ ରୋଜଗାର



ଶିକ୍ଷୟିତ୍ରୀ, ଲେଖିକା, ମଞ୍ଚ ଉପସ୍ଥାପିକା **ବିଜୟଲକ୍ଷ୍ମୀ ପାଣିଗ୍ରାହୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଖୋ**ର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ତୋରସିଂହ ପଞ୍ଚାୟତ ଅଧୀନସ୍ଥ ରୁଆପଡ଼ା ଗାଁରେ ମୋ ଜନ୍ମ। ନରେନ୍ଦ୍ରପୁର ଉଚ୍ଚବିଦ୍ୟାଳୟରୁ ୧୯୯୫ରେ ଦଶମ ପାସ୍ କରି ବାଣପୁରରେ ଥିବା ମାମୁ ଘରେ ରହି ଗୋଦାବରୀଶ ମହାବିଦ୍ୟାଳୟରେ ପଢ଼ିଥିଲି। ସେଠାରୁ ସଂସ୍କୃତ ସମ୍ମାନରେ ସ୍ନାତକ ପଢ଼ା ସରିବା ପରେ ବାଣୀବିହାରରେ ସ୍ନାତକୋତ୍ତର କରିବାକୁ ମନରେ ଇଚ୍ଛା ରଖିଥିଲି। କିନ୍ତୁ ମା’ଙ୍କ ଦେହ ଖରାପ ଓ ଆର୍ଥିକ ଦୁରବସ୍ଥା ହେତୁ ପାଠପଢ଼ାରେ ଡୋରି ବାନ୍ଧି ବାଧ୍ୟ ହୋଇ କର୍ମ ନିଯୁକ୍ତି ଆଡ଼କୁ ମନ ବଳାଇଲି। ସେତେବେଳେ ବାଲୁଗାଁରେ ନୂଆକରି ଏକ ଆଇ.ଟି. ସେଣ୍ଟର ଖୋଲିଥାଏ। କୋର୍ସ କୋ-ଅର୍ଡିନେଟର୍ ପୋଷ୍ଟ ଖାଲିଥାଏ। କିନ୍ତୁ ମୋତେ କମ୍ପ୍ୟୁଟରର ‘କ’ ଅକ୍ଷର ବି ଜଣା ନ ଥାଏ। ହେଲେ ଦୃଢ଼ ବିଶ୍ୱାସ ଥାଏ ଯେ, ମୁଁ ଚାହିଁଲେ ସବୁ କରିପାରିବି। ସେୟା ହିଁ ହେଲା। ଅନୁଷ୍ଠାନର ଏମ.ଡି. ମୋର ଦୃଢ଼ ବିଶ୍ୱାସ ଓ ସ୍ପଷ୍ଟବାଦିତାକୁ ଦେଖି ୧୮ ଜଣଙ୍କ ମଧ୍ୟରୁ ମୋତେ ହିଁ ଚୟନ କରିଥିଲେ। ଖୁବ୍ ଅଳ୍ପ ଦିନରେ ନିଜେ ସମସ୍ତ କୋର୍ସକୁ କରାୟତ୍ତ କରିନେଇ ପରେ ଶିକ୍ଷାଗ୍ରହଣ ପାଇଁ ଆସୁଥିବା ଛାତ୍ରଛାତ୍ରୀଙ୍କୁ ପଢ଼ାଇବାକୁ ଲାଗିଲି। ଏକ ପାରିବାରିକ ମାହୋଲ ଭିତରେ ଗୋଟିଏ ମାସ କେମିତି ବିତିଗଲା ଜାଣିପାରିଲିନି। ମାସ ଶେଷରେ ୧୫୦୦ ଟଙ୍କା ମିଳିଲା। ଖୁସିରେ ମୋ ପାଦ ତଳେ ଲାଗୁ ନ ଥିଲା। ଆଇ.ଟି. ସେଣ୍ଟରରୁ ମାମୁଘର ଥିଲା ଦୀର୍ଘ ୯ କି.ମି. ଦୂର। ପ୍ରତିଦିନ ସାଇକେଲ୍‌ରେ ଯା’ଆସ କରେ, ଭାରି କଷ୍ଟ ହୁଏ। ହେଲେ ସେଦିନ ଦରମା ପାଇବା ପରେ କେମିତି ୯ କି.ମି.ର ରାସ୍ତାକୁ ମୁଁ ଅତିକ୍ରମ କରି ମାମୁ ଗାଁରେ ପହଞ୍ଚିଗଲି ଜାଣିପାରିଲିନି। କିନ୍ତୁ ଘରକୁ ନ ଯାଇ ସିଧା ଭଗବତୀଙ୍କ ମନ୍ଦିରକୁ ଚାଲିଗଲି। ଦୀପ, ଭୋଗ କିଛି ନ କିଣି ସେଦିନ ମନ୍ଦିର ବେଢ଼ାରେ ଖୁଣ୍ଟକୁ ଆଉଜି ବସିଲି। କାରଣ ମୋ ଭିତରେ ଗୋଟିଏ ଭାବନା ରହିଛି ଯେ, ଭଗବାନ! ଯିଏ ସ୍ୱୟଂ ଜ୍ୟୋତି ସ୍ୱରୂପ, ତାଙ୍କ ପାଖରେ ଦୀପଟିଏ ଦେଇ ମୁଁ ତାଙ୍କର ଅପମାନ କରୁନି ତ। ସେଥିପାଇଁ ଖୁଣ୍ଟକୁ ଆଉଜି ମା’ଙ୍କୁ ମନରୁ କୃତଜ୍ଞତା ଜଣାଉଥିଲି। ଆଖିରୁ ଧାର ଧାର ହୋଇ ଲୁହ ବୋହିଯାଉଥିଲା। ସାଷ୍ଟାଙ୍ଗ ହୋଇ ପ୍ରଣାମଟିଏ କରି ଘରକୁ ଫେରିଲି। ପରଦିନ ଅଫିସରୁ ଫେରିଲାବେଳେ ଆଇ ପସନ୍ଦର ବଡ଼ ବଡ଼ ଚିଙ୍ଗୁଡ଼ି ବାଲୁଗାଁରୁ ୬ କେଜି କିଣିଲି। ୨କେଜି ମାମୁଘର ପାଇଁ ଆଉ ୪କେଜି ଆମ ଘର ପାଇଁ। କାରଣ ଆମ ଗାଁରେ ସେଦିନ ଆଶ୍ୱିନ ମାସ ଯୋଗୁଁ ଗ୍ରାମଦେବୀଙ୍କ ପାଖରେ ଷୋଳ ପର୍ବ ହେଉଥାଏ। ଚିଙ୍ଗୁଡ଼ି ପକାଇ ଏକ ଘାଣ୍ଟ ହେବ। ବାସ୍! ସେହି ଆଶା ନେଇ ଚିଙ୍ଗୁଡ଼ି ଧରି ଗାଁରେ ପହଞ୍ଚିଗଲି। ଏମିତି ଭାବେ ପ୍ରଥମ ଦରମାଟି ଖର୍ଚ୍ଚ କରିଥିଲି। ତେବେ ଆଇ.ଟି. ସେଣ୍ଟରରେ କିଛିଦିନ କାମ କରିବା ପରେ କୋରାପୁଟରେ ଥିବା ମାମୁଙ୍କ ପାଖକୁ ଗଲି ସେଠାକାର ଏକ ଏନ୍‌ଜିଓ ସଂସ୍ଥାରେ କାମ କରିବାକୁ। ହେଲେ ମାମୁ ରାଜି ନ ହେବାରୁ ସୁନାବେଡ଼ା ଏରୋନଟିକ୍ସ ଗାର୍ଲ୍ସ ହାଇସ୍କୁଲ୍‌ରେ କମ୍ପ୍ୟୁଟର୍ ଫାକଲ୍ଟି ଭାବେ କିଛିଦିନ କାମ କଲି ଆଉ ତା’ପରେ ଜୟପୁରସ୍ଥିତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସଂସ୍କୃତ ଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଥିଲି। ତା’ପରେ ମୋ ବାହାଘର ହେଲା। ଶାଶୁଘର ଜୟପୁରରେ ହୋଇଥିବାରୁ ପରେ ସ୍ୱାମୀଙ୍କ ସହାୟତାରେ ସେଠାରେ ଏକ ବିଦ୍ୟାଳୟ ଖୋଲିଲି, ଯାହାର ନାଁ ହେଲା ସାରସ୍ୱତ ବାଲ୍ ମନ୍ଦିର। ଅବଶ୍ୟ ତା’ରି ଭିତରେ ମୁଁ ବି.ଏଡ୍. କରିଦେଇଥିଲି ; ଯେଉଁଥିପାଇଁ ୨୦୧୮ରେ ମୋତେ କନିଷ୍ଠ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଭାବେ କୁନ୍ଦୁରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ମିଳିଗଲା, ଯେଉଁଠାରେ ଏବେ ବି ମୁଁ କାର୍ଯ୍ୟରତ। କେବଳ ଏତିକି ନୁହେଁ ଶିଶୁ କବିତା, ଛନ୍ଦ କବିତା ଓ ଗପ ଲେଖିବାରେ ମଧ୍ୟ ମୋର ଖୁବ୍ ରୁଚି ରହିଛି। ଏଥିସହିତ ମୁଁ ପ୍ରାୟ ୧୦ ବର୍ଷ ପର୍ଯ୍ୟନ୍ତ ଜୟପୁର ଆକାଶବାଣୀର ସାମୟିକ ଉପସ୍ଥାପିକା ଭାବେ ବି କାର୍ଯ୍ୟ କରିଛି। ଏହାଛଡ଼ା ମଞ୍ଚ ପରିଚାଳନା କରିବାରେ ବି ମୋତେ ଅନେକ ସମ୍ମାନ ମିଳିଛି। ସେହିପରି ‘ମାଟି ଓ ମା’ ଏବଂ ‘ବଡ଼ାଛତୁ’ ନାମକ ଦୁଇଟି କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କର ବହୁ ପ୍ରଶଂସା ମଧ୍ୟ ଲଭିଛି। କେବଳ ଭଗବାନଙ୍କ ଆଶୀର୍ବାଦରୁ ଏସବୁ ସମ୍ଭବ ହୋଇପାରିଥିବାରୁ ମୁଁ ତାଙ୍କ ପାଖେ ଖୁବ୍ କୃତଜ୍ଞ।



ସାଥୀ

# ମଉନାବତୀ ସେ ରଜନୀଗନ୍ଧା, ଲାଜୁଆ ହସରେ ମନ ପଡ଼ିଛି ବନ୍ଧା

**ପ୍ରଶ୍ନ**—ମୋତେ ଜଣେ ଝିଅ ଭଲ ପାଉଛି ବୋଲି କେମିତି ଜାଣିବି। ଏ ନେଇ ମୋତେ କିଛି ଟିପ୍ସ ଦେବେ କି ?

*–ସୁଶାନ୍ତ ଦାସ, ବଡ଼ବିଲ, କେନ୍ଦୁଝର*

**ଉତ୍ତର:** ଯଦି ସେପଟୁ କିଛି ଇସାରା ପାଉଛନ୍ତି ତେବେ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। କାରଣ ବେଳେବେଳେ ଭଲ ସୁଯୋଗ ଥରେ ଆସେ। ଯଦି ତାହାକୁ ହାତଛଡ଼ା କରନ୍ତି, ତେବେ କିଏ ଜାଣେ ପୁଣି ଥରେ ସେହି ସୁନେଲି ମୁହୂର୍ତ୍ତ କେବେ ଆସିବ। ଆପଣ ବୋଧହୁଏ କାହାର ଲାଜୁଆ ହସରେ ପାଗଳ। ‘ମଉନାବତୀ ସେ ରଜନୀଗନ୍ଧା, ଲାଜୁଆ ହସରେ ପଡ଼ିଛି ବନ୍ଧା।’ ଯଦି ମନର ମାନସୀ ପଟରୁ ସିଗ୍‌ନାଲ ଗ୍ରୀନ୍ ରହିଛି ତେବେ ଯେତେ ଶୀଘ୍ର ବହି ଫିଟ୍ କରିଦିଅନ୍ତୁ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା !

**ପ୍ରଶ୍ନ**—ମୋତେ ଦୁଇ ଜଣ ଝିଅ ଏକାଠି ଦେଖି ହସୁଛନ୍ତି। ଏବେ ମୁଁ ଦୁହିଁଙ୍କ ପ୍ରେମରେ ପଡ଼ିଯାଇଛି। ହେଲେ ଜଣକୁ ତ ମୋତେ ଆପଣେଇବାକୁ ପଡ଼ିବ। ଏବେ ମୁଁ କ’ଣ କରିବି ?

*–ଆଦିତ୍ୟ ସାହୁ, କଟକ*

**ଉତ୍ତର:** ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ଼ ରଖିବେ ନାହିଁ। ଯଦି ପ୍ରେମ ଫାଶରେ ଦୁଇ ଜଣକୁ ବାନ୍ଧନ୍ତି ତେବେ ଭବିଷ୍ୟତରେ ସବୁକିଛି ଅଡୁଆ ତଡୁଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆରମ୍ଭରୁ ଏପରି ପ୍ରୋବ୍ଲେମ୍‌ର ସମାଧାନ କରିଦିଅନ୍ତୁ। ଯୁଆଡ଼େ ହେଲେ ଗୋଟିଏ ପଟକୁ ଢଳନ୍ତୁ। ନ ହେଲେ ଏମିତି ସମୟ ଆସିବ ଆପଣ ଚାହିଁ ରହିଥିବେ ଦୁଇ ସୁନ୍ଦରୀ ଆପଣଙ୍କୁ ଜୋର୍ କା ଝଟ୍‌କା ଧୀରେ ସେ ଦେଇ ଫୁର୍ କିନା ଉଡ଼ିଯିବେ। ସେତେବେଳେ ଆପଣଙ୍କ ଦରଦୀ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ କେହି ନ ଥିବେ।

**ପ୍ରଶ୍ନ**—ପ୍ରେମ ନିଶା କ’ଣ ସତରେ ଗାଢ଼ ? ଏକଥା କେମିତି ଜାଣିବି ?

*–ଜିତେନ୍ଦ୍ର ମହନ୍ତ, ବାଲେଶ୍ୱର*

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ୍ୱ ଭି ପସ୍ତାୟା। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ। ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମରେ କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**—ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ଶରତ କୁମାର, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ସେ ବୋଧହୁଏ ସାହସ ଜୁଟାଇ ପାରୁନି। ଯଦି ସେ ଆପଣଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି, ତେବେ ଏହାର ଅର୍ଥ ଆପଣ ତାଙ୍କର ଚାହାଣି, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ଅନ୍ୟପକ୍ଷରେ ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !
















# ପେପରମ୍ୟାନ

ସମାଜର ପ୍ରତିଛବି ଭାବେ ଗଣମାଧ୍ୟମର ଏକ ବଳିଷ୍ଠ କ୍ଷେତ୍ର ଖବରକାଗଜ। ଏହାକୁ ସମାଜର ଦର୍ପଣ କୁହାଯାଏ । ତେବେ ଅନେକ ବ୍ୟକ୍ତି ଅଛନ୍ତି; ଯେଉଁମାନେ କି ଦିନ ଆରମ୍ଭ କରନ୍ତି ଖବରକାଗଜ ପଢ଼ାରେ । ତେବେ ଖବରକାଗଜକୁ ଭଲପାଉଥିବା ଦେଶବିଦେଶର ବିଭିନ୍ନ ଭାଷାର ବିଭିନ୍ନ ପ୍ରକାରର ଖବରକାଗଜକୁ ସଂଗ୍ରହ କରିବା ପାଇଁ ସେ ବର୍ଷ ବର୍ଷ ଧରି ଘୂରିବୁଲିଛନ୍ତି ଅନେକ ସ୍ଥାନକୁ। ଖବରକାଗଜ ସାଇତି ରଖିବାର ନିଶା ତାଙ୍କୁ ଦେଇଛି ଭିନ୍ନ ପରିଚୟ। ପୁଣି ଖବରକାଗଜକୁ ନେଇ 'ଖବରକାଗଜ ଅନେକ କଥା' ଏକ ପୁସ୍ତକ ପ୍ରକାଶିତ କରିଛନ୍ତି ସେ । ଏଥିପାଇଁ ବିଭିନ୍ନ କ୍ଷେତ୍ରରୁ ତାଙ୍କୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର । ସାଧାରଣରେ ତାଙ୍କୁ ଜାଣିଥିବା ବ୍ୟକ୍ତି କୁହନ୍ତି ପେପରମ୍ୟାନ। ତେବେ ବିଶ୍ୱର ସର୍ବାଧିକ ଖବରକାଗଜ ସଂଗ୍ରହକରି ଗିନିଜ ୱାର୍ଲ୍ଡ ରେକର୍ଡସ ଅଧିକାରୀ । ସେ ହେଲେ ଶଶାଙ୍କଶେଖର ଦାଶ। ଜନ୍ମ ୧।୭।୧୯୭୮ମସିହାରେ। ପିତା ଦୋଳଗୋବିନ୍ଦ ଦାଶ। ମା' ଲକ୍ଷ୍ମୀପ୍ରିୟା ଦାଶ। ଘର ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମରେ। ସେ କୁହନ୍ତି, ମୋର ସ୍କୁଲଶିକ୍ଷା ସରିଲାପରେ, ସମୟକ୍ରମେ ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଏସି ସାରିଲି । ଏହାପରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ୨ବର୍ଷଧରି ବୁଦ୍ଧିଜିମ୍ ଷ୍ଟଡ଼ିଜ ସାରିଛି। ମୋ ବାପା ଥିଲେ ଜଣେ ଶିକ୍ଷକ। ସେତେବେଳେ ସେ ଆମ ଘରକୁ ବିଭିନ୍ନ ପ୍ରକାର ପତ୍ରପତ୍ରିକା ଓ ଖବରକାଗଜ ଆଣୁଥିଲେ। ପିଲାଟି ଦିନରୁ ସେଗୁଡ଼ିକୁ ଦେଖି ପଢ଼ିବା ଓ ସଂଗ୍ରହ କରିବାରେ ମନ ବଳାଇଥିଲି। ତେବେ ୨୦୦୦ ମସିହାରେ ଏକ ପତ୍ରିକା ପ୍ରେସରେ କାର୍ଯ୍ୟକରୁଥିବା ବେଳେ ବିଭିନ୍ନ ଖବରକାଗଜକୁ ସଂଗ୍ରହ କରିଥିଲି। କିଛି ବର୍ଷ ମଧ୍ୟରେ ଅରଙ୍ଗାବାଦଠାରେ ଦୋଳଗୋବିନ୍ଦ ନ୍ୟୁଜ୍‌ପେପର ମ୍ୟୁଜିୟମ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପ୍ରତିଷ୍ଠା କରିଛି। ଏଥିରେ ପ୍ରାୟ ୧୦୦୦୦ରୁ ଅଧିକ ନାନା ପ୍ରକାରର ବିଭିନ୍ନ ଭାଷାର ଦେଶବିଦେଶର ଖବରକାଗଜ ସଂଗ୍ରହ ହୋଇ ରହିଛି; ଯାହା କି ୧୪୨ଟି ଦେଶର ହୋଇଥିବା ବେଳେ ୯୪ଟି ଭାଷାର । ଏଥିରେ ଥିବା ଖବରକାଗଜ ଗୁଡ଼ିକ ମଧ୍ୟରେ ଆଫଗାନିସ୍ତାନ, ଆମେରିକା, ଅଷ୍ଟ୍ରେଲିଆ, ବଂଲାଦେଶ, ବେଲଜିୟମ, ଭୁଟାନ, କାଲିଫର୍ନିଆ, କାନାଡା, ଚାଇନା, ଇଂଲଣ୍ଡ, ଇଥିଓପିଆ, ଫିନ୍‌ଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ହଂକଂ, ଭାରତ, ଇଣ୍ଡୋନେସିଆ, ଆୟର୍ଲାଣ୍ଡ, ଇସ୍ରାଏଲ, ଇଟାଲି, ଜାପାନ, କେନିଆ, ଲାଓସ, ମାଲେସିଆ, ମାଞ୍ଚେଷ୍ଟର, ନେପାଳ, ନେଦରଲାଣ୍ଡ, ନିଉଜିଲାଣ୍ଡ, ଓମାନ, ଫିଲିପାଇନ୍ସ, ଦୁମାଲି, ପାନାମା, ରୁଷିଆ, ସାଉଦି ଆରବ, ସିଙ୍ଗାପୁର, ଦକ୍ଷିଣକୋରିଆ, ଶ୍ରୀଲଙ୍କା, ସୁଇଜରଲାଣ୍ଡ, ତାଇୱାନ, ଥାଇଲାଣ୍ଡ, ତିମୋର, ତୁର୍କୀ, କାତାର, ଉଗାଣ୍ଡା ଓ ୟୁନାଇଟେଡ ଆରବ ଏମିରେଟ୍ସ ଦେଶର ଅଟେ । ଖବରକାଗଜଗୁଡ଼ିକ ଆରବୀ, ଆସାମୀ, ଅଷ୍ଟ୍ରେଲିଆ ଇଂରାଜୀ, ବଙ୍ଗଳା, ଚୀନା, ଡଚ୍, ଇଂରାଜୀ, ଜର୍ମାନୀ, ଗୁଜରାଟୀ, ହିନ୍ଦୀ, ଇଟାଲିଆନ, ଜାପାନୀ, କନ୍ନଡ଼, କୋଙ୍କଣୀ, କୋଶଳୀ, କୁଡ଼ୁମାଲୀ, ମାଲାୟାଲମ, ମରାଠୀ, ନେପାଳୀ, ଓଡ଼ିଆ, ଓ ଇଂରାଜୀଲିପି, ପାସ୍ତୋ, ପାବୀ, ରୁଷିଆନ, ସଂସ୍କୃତ, ସାନ୍ତାଳୀ, ସ୍ପାନିସ, ତାଇୱାନିସ, ତାମିଲ, ତେଲୁଗୁ, ଟେଟମ, ଥାଇ ଓ ଉର୍ଦ୍ଦୁ ଭାଷାର ଅଟେ । ଏହି ସଂଗ୍ରହାଳୟରେ ରହିଥିବା ଖବରକାଗଜ ଗୁଡ଼ିକ ମଧରେ କାଥିଆୱାଡ଼ା ଟାଇମ୍ସ ସର୍ବ ପୁରାତନ । ଏହା ୧୮୪୦ ଓ ୧୮୯୫ ମସିହାର । ୧୯୪୫ ମସିହାର ପାଟଣା ଦୀପିକା, ସମାଜ(୧୯୬୫ ଜାନୁୟାରୀ ୫), ପ୍ରଜାତନ୍ତ୍ର (୧୯୫୮ ଫେବୃୟାରୀ ୧), ମାତୃଭୂମି (୧୯୭୧), କଳିଙ୍ଗ (୧୯୭୧), ଟାଇମ୍ସ ଅଫ ଇଣ୍ଡିଆ (୧୯୬୩), ଦି ମେଲ (୧୯୬୬), ସିଙ୍ଗାପୁରହେରାଲ୍ଡ (୧୯୭୧), ଏଡ଼ିନବର୍ଗ ଇଭିନିଙ୍ଗ ଟାଇମ୍ସ (୧୯୩୭), ଦୈନିକ ବିଶ୍ୱାମିତ୍ର (୧୯୫୨), ପ୍ରଜାମିତ୍ର (୧୯୨୦), ଇଣ୍ଡିଆନ ନେଶନ (୧୯୫୯), ହିନ୍ଦୁସ୍ଥାନ (୧୯୫୭), ଜାମ ଇ ଜାମସେଦ (୧୯୬୯), ସନଡେ ଗ୍ଲୋବ (୧୯୬୫), ବିଶ୍ୱାମିତ୍ର (୧୯୩୨), ବ୍ଲିଜ (୧୯୭୧), ଫିଜିଟାଇମ୍ସ (୧୯୭୨), ଇନଡିପେଣ୍ଡେଣ୍ଟ ଇଣ୍ଡିଆ (୧୯୪୩), ଦି କ୍ଲାରିୟନ (୧୯୪୮), ଦି ପିପୁଲସରାଜ (୧୯୫୭)ଆଦି ପୁରୁଣା ଖବରକାଗଜ ରହିଛି । ଏହା ଛଡ଼ା କେତେକ ପୁରାତନ ଖବରକାଗଜର ଜେରକ୍ସ ସଂଗ୍ରହାଳୟରେ ରଖାଯାଇଛି। । ସେଗୁଡ଼ିକ ହେଲା ଉତ୍କଳ ଦୀପିକା (୧୯୩୦), ଗାମଗେଜେଟ(୧୯୬୦), ଗଡ଼ଜାତ ବାସିନୀ(୧୯୨୬), ପଲ୍ଲୀବାସିନୀ(୧୯୩୨), ଓଡ଼ିଆ ଓ ନବ ସମ୍ବାଦ(୧୯୧୪), ଉତ୍କଳ ବାର୍ତ୍ତା (୧୯୧୪) । ଝାଡ଼ଖଣ୍ଡର ଦୁମକାରୁ ପ୍ରକାଶ ପାଉଥିବା ହାତଲେଖା ଖବରକାଗଜ ଦୀନ ଦଳିତ। ଓଡ଼ିଶା ନାମ ଥାଇ ୩୮ଟି, ଉତ୍କଳ ନାମ ଥାଇ ୩୩ଟି, ଟାଇମ୍ସ ନାମ ଥାଇ ୭୪, ସମୟ ନାମ ଥାଇ ୧୪ ଓ ଖବର ନାମ ଥାଇ ୪୯ଟି ଖବରକାଗଜ ରହିଛି । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖର ଷ୍ଟେଟ୍‌ସମ୍ୟାନ ଓ ଟାଇମ୍ସ ଅଫ ଇଣ୍ଡିଆ ମଧ ସଂଗ୍ରହ ହୋଇରହିଛି । ଆଗାମୀ ଦିନରେ ରାଜଧାନୀ ଦିଲ୍ଲୀ ଓ ବିଦେଶରେ ଖବରକାଗଜପ୍ରଦର୍ଶନ କରିବାକୁ ଯୋଜନା ରଖିଛି । ପୂର୍ବରୁ ଏହାକୁ ଭୁବନେଶ୍ୱର, ବାରିପଦା ଓ ଢେଙ୍କାନାଳଠାରେ ୯ଥର ପ୍ରଦର୍ଶନ କରିଥିଲି। ଖବରକାଗଜ ସଂଗ୍ରହକରି ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟିକରି ପାରିଛନ୍ତି । ବିଶ୍ୱର ସର୍ବାଧିକ ଖବରକାଗଜ ସଂଗ୍ରହକରି ଗିନିଜ ୱାର୍ଲ ରେକର୍ଡସ ଅଧିକାରୀ ହୋଇପାରିଛି।

**ଖବରକାଗଜ ଗବେଷଣା ପାଇଁ ରେକର୍ଡ** – ୨୦୧୬ ରେକର୍ଡ ବୁକ୍‌ରେ ନାମ ସ୍ଥାନିତ:–। ଲିମକା ବୁକ୍ ଅଫ ରେକର୍ଡସ– ୨୦୧୩ (ଦୁଇ ଥର)। ଇଣ୍ଡିଆ ବୁକ୍ ଅଫ ରେକର୍ଡସ– ୨୦୧୩। ଲିମକା ବୁକ୍ ଅଫ ରେକର୍ଡସ– ୨୦୧୯, କ୍ରେଡେନ୍ସ ବୁକ୍ ଅଫ ୱାର୍ଲ୍ଡ ରେକର୍ଡ– ୨୦୧୯, ଲିମକା ବୁକ୍ ଅଫ ରେକର୍ଡସ– ୨୦୨୦–୨୨ ପୁସ୍ତକ (ଦୁଇ ଥର)। ଓଏମ୍‌ଜି ବୁକ୍ ଅଫ ରେକର୍ଡସ– ୨୦୨୧, ଗିନିଜ ୱାର୍ଲ୍ଡ ରେକର୍ଡସ– ୨୦୨୨, **ପୁରସ୍କାର ଓ ସମ୍ମାନ:**– ଇନ୍ଟାକ ଭୁବନେଶ୍ୱର ଶାଖା ପକ୍ଷରୁ ଖବରକାଗଜ ସଂଗ୍ରାହକ ଭାବେ ସମ୍ମାନିତ– ୨୦୧୮, ବରୀ ସୁରକ୍ଷା ମଞ୍ଚ, ବରୀ, ଯାଜପୁର ପକ୍ଷରୁ ବରୀ ଗୌରବ ସମ୍ମାନ– ୨୦୧୮, ଦଧିଚି ସମ୍ମାନ– ୨୦୧୬– ବଡି ଆଣ୍ଡ ଅର୍ଗାନ ଡୋନେଶନ ଇନିସିଏଟିଭ, କଟକ, ନାଟ୍ୟକାର ଦାଶରଥି ସମ୍ମାନ ୨୦୧୫– ଅରୁଣେଶ୍ୱର ସାଂସ୍କୃତିକ ପରିଷଦ, ବରୀ, ଯାଜପୁର। ପୂଜ୍ୟପୂଜା ପ୍ରତିଭା ସମ୍ମାନ– ପୂଜ୍ୟପୂଜା ପ୍ରତିଭା ପରିଷଦ, ଭୁବନେଶ୍ୱର– ୨୦୧୪, ଅଭିମନ୍ୟୁ ସାମନ୍ତ ସିଂହାର ସମ୍ମାନ– ଅଭିମନ୍ୟୁ ସାମନ୍ତ ସିଂହାର ମହାବିଦ୍ୟାଳୟ, ବାଲିଆ, ଯାଜପୁର– ୨୦୧୩, ଏଡିଟର୍‌ସ ଚଏସ ଆୱାର୍ଡ– ହୋମ ଅଫ ଲେଟରସ ଇଣ୍ଡିଆ, ଭୁବନେଶ୍ୱର– ୨୦୧୦, ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ସ୍ମାରକ ସମ୍ମାନ–ଏକାଡେମୀ ଅଫ ବେଙ୍ଗଲୀ ପୋଏଟ୍ରି– ୨୦୧୦, ଖବରକାଗଜ ସଂଗ୍ରହ ପାଇଁ– କେନ୍ଦ୍ର ସରକାରଙ୍କ କ୍ଷେତ୍ର ପ୍ରଚାରସଂସ୍ଥା, ବାରିପଦା ୟୁନିଟ, ମୟୂରଭଞ୍ଜ– ୨୦୦୭, ଖବରକାଗଜ ସଂଗ୍ରହ ପାଇଁ– ବାରିପଦା ପୌରପାଳିକା, ବାରିପଦା, ମୟୂରଭ– ୨୦୦୭, ସମାଜସେବା ପାଇଁ– ଓଡ଼ିଶା ଡିଜାଷ୍ଟର ମିଟିଗେସନ ମିଶନ, ଭୁବନେଶ୍ୱର– ୨୦୦୧, ସ୍ଲୋଗାନ ଲେଖା ପାଇଁ– ଯୁବ ରେଡକ୍ରସ, ଭୁବନେଶ୍ୱର– ୧୯୯୬।

–ବନବିହାରୀ









ଦେବ୍

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ମନ ଦୁଃଖ

ଚେନ୍ ଚୋରି ହୋଇଥିବା ମହିଳା ପେପର ପଢ଼ିବା ସମୟରେ ମନ ଦୁଃଖ କରିଥା'ନ୍ତି। ଏହା ଦେଖି ସ୍ୱାମୀ: ମନ କାହିଁକି ଦୁଃଖ କରୁଛ ? ପୋଲିସ୍ କହିଛନ୍ତି ଚୋରକୁ ଶୀଘ୍ର ଧରି ତମକୁ ଚେନ୍ ଫେରେଇଦେବେ।
ସ୍ତ୍ରୀ: ମୁଁ ମନ ଦୁଃଖ ସେଥିପାଇଁ କରିନି।
ସ୍ୱାମୀ: ତା'ହେଲେ ଆଉ କୋଉଥିପାଇଁ ମନ ଦୁଃଖ ?
ସ୍ତ୍ରୀ: ଦେଖୁନ ପେପର୍‌ରେ କେମିତି ଲେଖିଛନ୍ତି ବୃଦ୍ଧାଙ୍କଠାରୁ ଲୁଟେରା ଚେନ୍ ଛଡ଼େଇ ନେଇଗଲେ। ମୁଁ କ'ଣ ବୃଦ୍ଧା ?

## ମଶା

ଚାକରାଣୀ ମାଲିକାଣୀଙ୍କୁ: ମା' ଆପଣଙ୍କ ପୁଅ ମଶା ଖାଇଦେଇଛନ୍ତି।
ମାଲିକାଣୀ: କ'ଣ ? ତା'ର କିଛି ହେବନି ତ!
ଚାକରାଣୀ: ନାଇଁ କିଛି ହବନି। ମୁଁ ପରା ବୁଦ୍ଧି କରି ଅଲ୍ ଆଉଟ୍ ପିଆଇ ଦେଇଛି।

## ଆଁ କର

ପପୁ ମଦ ପିଇ ଗାଡି ଚଲାଉଥିଲା। ହଠାତ୍ ଗାଡି ଏକ ଖମ୍ବ ସହ ବାଡେଇ ହେଇଗଲା।
ପୋଲିସ୍ ଆସି: ବାହାରକୁ ବାହାର..
ମଦୁଆ: କ୍ଷମା କରିଦିଅନ୍ତୁ ଆଜ୍ଞା। ଏମିତି ଭୁଲ ଆଉ କେବେ ହେବନି।
ପୋଲିସ୍: ମଦ ପିଇ ଗାଡି ଚଲାଉଛୁ, ଆଁ କର।
ମଦୁଆ: ଆଜ୍ଞା, ପୂର୍ବରୁ ବହୁତ ପିଇଛି। ଆଉ ପିଆନ୍ତୁନି।





# ପାହାଡ଼ ଓ ଝରଣାର ସହର
# ୟେଲ୍ଲାପୁର





କର୍ଣାଟକରେ ଅବସ୍ଥିତ ୟେଲ୍ଲାପୁର ନିଜର ପ୍ରାକୃତିକ ସୁନ୍ଦରତା ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ବିଶେଷକରି ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଏକାଧିକ ଉଚ୍ଚ ଉଚ୍ଚ ପାହାଡ଼ ଓ ଝରଣା...

**ୟେ**ଲ୍ଲାପୁର ହେଉଛି କର୍ନାଟକର ଉତ୍ତର କନ୍ନଡ଼ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ଛୋଟ ସହର। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ସହରରେ ଦେଖିବାକୁ ରହିଛି ଜଙ୍ଗଲ ପରିବେଷ୍ଟିତ ବହୁ ଉଚ୍ଚ ଉଚ୍ଚ ପାହାଡ ଓ ଝରଣା। ତା'ଛଡ଼ା ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବି ପର୍ଯ୍ୟଟକ ଅନେକ ଧାର୍ମିକ ପୀଠ ଦେଖିବାର ସୁଯୋଗ ପାଇପାରିବେ। ସେଥିପାଇଁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ।

### କ'ଣ ଦେଖିବେ

ଆକର୍ଷଣୀୟ ପ୍ରାକୃତିକ ପରିବେଶରେ ଭରା ୟେଲ୍ଲାପୁରରେ ପର୍ଯ୍ୟଟକ ସତୋଡ୍ଡି ଝରଣା, ମାଗୋଡ଼ ଝରଣାର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଏଠାରେ ଥିବା ପାହାଡ଼ ଉପରକୁ ଚଢ଼ିବାର ମଜା ମଧ୍ୟ ନେଇପାରିବେ। ସେହିପରି ୟେଲ୍ଲାପୁରଠାରୁ ପ୍ରାୟ ୩୦ କି.ମି. ଦୂରରେ ଥିବା କଲଚି ନାମକ ଏକ ଗାଁରେ ରହିଛି ପ୍ରସିଦ୍ଧ ଦୁର୍ଗା ମନ୍ଦିର। ପର୍ଯ୍ୟଟକ ଚାହିଁଲେ ସେଠାକୁ ଯାଇ ମା'ଙ୍କର କରୁଣା ମଧ୍ୟ ଲଭିପାରିବେ।

### ଟ୍ରେକିଂର ମଜା ନେଇହେବ

ସମୁଦ୍ରପତ୍ତନରୁ ପ୍ରାୟ ୧୭୭୫ ଫୁଟ୍ ଉଚ୍ଚତାରେ ରହିଥିବା ଏହି ସହରରେ ଅନେକ ପାହାଡ଼ ଥିବା ଯୋଗୁ ଏଠାରେ ପର୍ଯ୍ୟଟକ ଟ୍ରେକିଂର ଭରପୂର ମଜା ନେଇପାରିବେ। ତା'ସହିତ ଏଠାକାର ଆକର୍ଷଣୀୟ ପ୍ରାକୃତିକ ପରିବେଶରେ ନିଜକୁ କିଛି ସମୟ ପାଇଁ ହଜାଇ ସ୍ୱର୍ଗୀୟ ସୁଖ ବି ଲଭିପାରିବେ।

### ଧାନ କ୍ଷେତ ଦେଖିବାର ମଜା ନେଇପାରିବେ

ୟେଲ୍ଲାପୁରର ବାସିନ୍ଦା ମୁଖ୍ୟତଃ ଚାଷବାସ ଉପରେ ନିର୍ଭର କରି ଚଳିଥାନ୍ତି। ଧାନଚାଷ ହେଉଛି ସେମାନଙ୍କର ମୁଖ୍ୟ ଚାଷ। ତା'ଛଡ଼ା ଏଠାରେ ଏରେକାନଟ୍ (ଏକ ବିଶେଷ ଧରଣର ଗୁଆ)ର ଚାଷ ବି ବହୁତ ମାତ୍ରାରେ ହୋଇଥାଏ। ତେଣୁ ପର୍ଯ୍ୟଟକ ଚାହିଁଲେ ଧାନ ଚାଷ ସମୟରେ ଏଠାକୁ ଯାଇ କ୍ଷେତ ବୁଲି ଦେଖିବାର ନିଆରା ଅନୁଭବ ମଧ୍ୟ ନେଇପାରିବେ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ୟେଲ୍ଲାପୁର ଯିବା ପାଇଁ ନଭେମ୍ବରରୁ ଏପ୍ରିଲ୍ ହେଉଛି ସବୁଠୁ ଉପଯୁକ୍ତ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ସେହିପରି ୟେଲ୍ଲାପୁରକୁ ଯିବା ପାଇଁ ଗମନାଗମନର ବି ବେଶ୍ ଭଲ ସୁବିଧା ରହିଛି। ହୁବ୍ଲି ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ୟେଲ୍ଲାପୁରର ନିକଟତମ ତଥା ମୁଖ୍ୟ ରେଲଷ୍ଟେଶନ, ଯାହା ପ୍ରାୟ ୭୦ କି.ମି ଦୂରରେ ଅବସ୍ଥିତ। ବେଙ୍ଗାଲୁର, ମାଙ୍ଗାଲୋର, ଚେନ୍ନାଇ ତଥା ଦେଶର ଅନ୍ୟ ପ୍ରମୁଖ ସହରରୁ ଏହି ରେଲୱେ ଷ୍ଟେଶନକୁ ନିୟମିତ ବ୍ୟବଧାନରେ ଟ୍ରେନ୍ ଚଳାଚଳ କରିଥାଏ। ସେହିପରି ହୁବ୍ଲି ରେଲୱେ ଷ୍ଟେଶନରୁ ଟ୍ୟାକ୍ସି ଯୋଗେ ଜଣେ ଯାଇ ଆରାମରେ ୟେଲ୍ଲାପୁରରେ ପହଞ୍ଚିଯାଇପାରିବେ। ଅନ୍ୟପକ୍ଷେ ହୁବ୍ଲି ଏୟାରପୋର୍ଟ ବି ହେଉଛି ୟେଲ୍ଲାପୁରର ନିକଟତମ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସହରରୁ ନିୟମିତ ବ୍ୟବଧାନରେ ଟୁରିଷ୍ଟ ବସ୍ ବି ୟେଲ୍ଲାପୁର ଅଭିମୁଖେ ଯାଇଥାଏ। ତେଣୁ ପର୍ଯ୍ୟଟକ ନିଜ ପସନ୍ଦ ମୁତାବକ ଯେଉଁଥିରେ ଚାହିଁବେ ସେଥିରେ ଯାଇ ଆରାମରେ ୟେଲ୍ଲାପୁରରେ ପହଞ୍ଚିପାରିବେ।





# କାର୍‌ରେ ଅଛି ହେଲିପ୍ୟାଡ







ସବୁ ମଣିଷର ଇଚ୍ଛା ଥାଏ ତା'ପାଖରେ ନିଜର ଏକ କାର୍ ଥାଆନ୍ତା । ଯେଉଁଥିରେ ସେ ପରିବାର ସହ ବସି ବୁଲିପାରନ୍ତା । ଆଉ କେହି କେହି ଏମିତି ବି କାର୍ ଚାହାନ୍ତି, ଯାହା ଏତେ ଖାସ୍ ହୋଇଥିବ ଯେ, ତାକୁ ଦେଖି ଲୋକେ ଘଡ଼ିଏ ଚାହିଁ ରହିବେ । ଏସବୁକୁ ନଜରରେ ରଖି କାର୍ କମ୍ପାନୀମାନେ ଭିନ୍ନ ଭିନ୍ନ ଡିଜାଇନ୍‌ର କାର୍ ତିଆରି କରିଥାନ୍ତି । ତେବେ ଜାଣନ୍ତି କି ଏମିତି ଏକ କାର୍ ଅଛି ଯାହା ଏକ ୧୦ ମହଲା ଘର ସହିତ ସମାନ ଥିଲା । ଅର୍ଥାତ୍ ଏହାର ଲମ୍ବ ଥିଲା ୧୦୦ ଫୁଟ୍ ଯାହା ଏକ ଦଶ ମହଲା ଘରର ଉଚ୍ଚତା ସହ ସମାନ । ଏତେ ଲମ୍ବା ହୋଇଥିବାରୁ ୧୯୮୬ ମସିହାରେ ଏହା ପୃଥିବୀର ସବୁଠାରୁ ଲମ୍ବା କାର୍‌ଭାବେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଥିଲା । 'ଦ ଆମେରିକାନ ଡ୍ରିମ' ନାମକ ଏହି କାର୍‌କୁ ଏକ ଚଳଚ୍ଚିତ୍ର ପାଇଁ ତିଆରି କରାଯାଇଥିଲା । ବହୁ ଜଣାଶୁଣା ଗାଡି ଡିଜାଇନର୍ ଜେ ଓରବର୍ଗ ଏହାକୁ ଡିଜାଇନ୍ କରିଥିଲେ । ୨୬ ଟାୟର ଥିବା ଏହି କାର୍‌ର ବିଶେଷତ୍ୱ ଏହା ଥିଲା କି ଏହାକୁ ଉଭୟ ପାର୍ଶ୍ୱରୁ ଡ୍ରାଇଭ କରି ହେଉଥିଲା । କାର୍‌ରେ ୮ଟି ଇଞ୍ଜିନ ଲାଗିଥିଲା । ତା'ସହ ଏଥିରେ ସୁଇମିଂ ପୁଲ, ଜକୁଜି, ବାଥ ଟବ୍, ଛୋଟ ଗଲ୍ଫ କୋର୍ସ, ଅନେକ ଟିଭି, ଫ୍ରିଜ୍, ଟେଲିଫୋନ୍ ସହ ଗାଡ଼ିର ପଛ ଭାଗରେ ଏକ ହେଲିପ୍ୟାଡ ବି ଥିଲା ; ଯାହା ଉପରେ ହେଲିକପ୍ଟର ଆରାମରେ ଓହ୍ଲାଇବା ସହ ଟେକ୍ ଅଫ୍ କରିପାରୁଥିଲା । ଏଥିରେ ୭୦ ଜଣ ବସିବାର ବ୍ୟବସ୍ଥା ଥିଲା । ଚଳଚ୍ଚିତ୍ରରେ ବ୍ୟବହାର ପାଇଁ ଏହାକୁ ତିଆରି କରାଯାଇଥିଲା । ଆଉ ଘଣ୍ଟାକୁ ୧୪୪ ହଜାର ଟଙ୍କାରେ ଭଡ଼ା ଦିଆଯାଉଥିଲା । ଏହାର କାମ ସରିଗଲା ପରେ ଏହାକୁ କବାଡ଼ିଖାନାକୁ ବିକ୍ରି କରିଦିଆଯାଇଥିଲା । ପରେ ଏହି କାର୍‌କୁ ଏକ ମ୍ୟୁଜିୟମ କିଣି ନେଇଥିଲା ।

## କାର୍ଟୁନ କର୍ନର



# ସ୍ୱର୍ଗରେ ବି ରୋଗ ଆତଙ୍କ

ଶ୍ରୀମାନ୍ ସର୍ବଗିଳା



ଶେଷରେ ଏ ମର୍ତ୍ତ୍ୟମାନବଙ୍କ ରୋଗ କ'ଣ ସ୍ୱର୍ଗମୁହାଁ ହେଲା କି ଆଉ ! କିମ୍ବାଇଁ ଏମନ୍ତ ନନ୍‌ଷ୍ଟପ୍ ଷ୍ଟ୍ରାଇକ୍ ସ୍ୱର୍ଗପୁରରେ କରିବାକୁ ଦୁର୍ଗାମାତାଙ୍କ ପ୍ରସ୍ତାବ ଉପରେ ଘନଘନ କରତାଳି ବର୍ଷାହେଉଛି ଦେବଗଣଙ୍କର ! ଏମିତିଆ ସପନ ଦେଖି ମୋ ଛାତି ଖାଲି ଥରୁ ନ ଥିଲା ବରଂ ପିନ୍ଧା ବସ୍ତ୍ର ମୋର ଭିଜୁଥିଲା ।

ଘଟଣାଟା ହେଲା, ଏବେ ଦେବଗଣ କୁଆଡ଼େ ବ୍ରହ୍ମାଙ୍କୁ ଦାବିପତ୍ର ଦେବେ । ଦାବି ପୂରଣ ନ ହେଲେ ଲଙ୍ଗ୍‌ଟାଇମ୍ ପାଇଁ ହଙ୍ଗରଷ୍ଟ୍ରାଇକ୍ କରିବେ । ସେମାନେ ସ୍ୱର୍ଗରୁ ମର୍ତ୍ତ୍ୟଲୋକ ଆଗମନ କରିବେନି, କି ଏତେ ଦହଗଞ୍ଜ ହେବେନି । ବ୍ରହ୍ମଦେବ ବିଚାର କରି ଦେବଗଣଙ୍କର ମର୍ତ୍ତ୍ୟ ଟୁର୍ ଷ୍ଟାଣ୍ଡିଂ ଅର୍ଡର କ୍ୟାନ୍‌ସଲ୍ କରନ୍ତୁ । ମାନବଙ୍କର ପୂଜା ପର୍ବାଣି ବନ୍ଦ ହେଉ । ତାଙ୍କଠି ଚେତା ପଶୁ । ଛାଡ଼ନ୍ତୁ ପଶୁବୁଦ୍ଧି । ବୁଝନ୍ତୁ ଦେବଗଣଙ୍କୁ ହନ୍ତସନ୍ତ କରି ପୂଜା ନାଁରେ ଭଣ୍ଡାମି କଲେ ଫଳ କ'ଣ ହୁଏ ।

ହୟୋ ମର୍ତ୍ତ୍ୟ ମାନବଗଣ ! ଆଗରୁ ତ ଯୋଉ ଭାବ ଭକତିରେ ଆମକୁ ପୂଜା କରୁଥିଲ ତେମେ ଭଲ କି ଜାଣ । ବର୍ଷକୁ ଯେତେ ଦେବଗଣଙ୍କର ପୂଜା ପଡ଼େ, ତାଙ୍କରି ନାଁରେ ଲୋକଙ୍କୁ ଚନ୍ଦେଇ ଚାନ୍ଦାକରି ଯେତେ ଧନ୍ଦା କର ତାହା ନ କହିଲେ ଭଲ । ଆମ ପାଇଁ ଗୁଡ଼ ଉଖୁଡ଼ାକୁ ଚିନି ଉଖୁଡ଼ା, ତମ ଭୋଜି ପାଇଁ ଛେଳି କୁକୁଡ଼ା ! ତା'ଛଡ଼ା ଅଲଜ୍ଜା ନାଚ କରେଇ ଯାହା ତ ଆମ ସମ୍ମାନ ହାନି କର, ପୂଜା ପରେ ରାତିରେ ଆମକୁ ମଣ୍ଡପରେ କୁକୁର ଜଗନ୍ତି, ସେଥିରେ ପୁଣି ବିସର୍ଜନ ବେଳେ ମାତାଲିଆ ହୋଇ ଦେବତାଙ୍କ ଶୁଣ୍ଢ ମୁଣ୍ଡ ମୋଡ଼ି, ଲୁଗା ଶାଢ଼ି ଭିଡ଼ି, ନଈନାଳରେ କଚାଡ଼ି ଫିଙ୍ଗୁଥିଲ । ହେଲେ ଏବେ ଆଉ ସେମିତି ବେପାର ଚଳିବନି । କେତେବେଳେ ପାଣି ନ ଥିବା ଶୁଖିଲା ତତଲା ବାଲିରେ ପଡ଼ିପଡ଼ି ଶୁଖୁଆ ହେଉଛୁ ତ କେତେବେଳେ ଅଳିଆ ଆବର୍ଜନା ଦୁର୍ଗନ୍ଧ ନର୍ଦ୍ଦମା ପାଣିରେ ପଡ଼ି ସ୍ୱର୍ଗରେ ଆସି ଏମିତି ରାମ୍ପିରୁମ୍ପି ହେଉଛୁ ଯେ, ଦେବଗଣ ତାଙ୍କ ଦେବୀଙ୍କ ପାଖରେ ଆଉ ଦେବୀଗଣ ଦେବତାଙ୍କ ପାଖରେ ଢେର୍ ଲଜ୍ଜିତ ହେଉଛୁ । ଗଲାଥର ଶ୍ରୀଗଣେଶଙ୍କର ଅବିଶ୍ରାନ୍ତ କୁଣ୍ଡେଇ ହବା ଦେଖି, ତାଙ୍କ ପତ୍ନୀ ବୁଦ୍ଧି ସିଦ୍ଧି କହିଲେ, ''ହଇଏ ! ତମେ ଥାନ ଅଥାନ ନ ମାନି କାହିଁକି ରାମ୍ପିହେଇ ନଖ ମୁଣ୍ଡା କରୁଛ ? ଯାଉନା ଅଶ୍ୱିନୀ କୁମାର ସ୍ୱର୍ଗବୈଦ୍ୟଙ୍କ ପାଖକୁ!'' ବିଚରା ଗଣେଶ କହିଲେ, ମର୍ତ୍ତ୍ୟମାନବଙ୍କ ଦ୍ୱାରା ପ୍ରଦୂଷଣଯୁକ୍ତ ନଦୀରେ ଆମ୍ଭେ ହୋଇଥିବା ବିସର୍ଜନର ଏ କରାମତି, ତେବେ ଆଠମାସ ଔଷଧ ସେବନାନ୍ତେ ରମ୍ପା ବ୍ୟାଧିରୁ ମୁକ୍ତ ହେଲେ ।

ଆଗରୁ ତ ''ଭକ୍ତିବିହୀନ ପୂଜା'ହଉଥିଲା, ଏବେ ଚାଇନା ଛୁଆ 'କରୋନା'ର ଆର୍ଯ୍ୟଭୂମି ଭାରତରେ ପ୍ରବେଶ ପରଠୁ ଚାଲିଛି 'ଭକ୍ତବିହୀନ ପୂଜା' ଦୁଆର କୀଳା ପୂଜା । ଏମିତି କି ବିନା ଭକ୍ତରେ ଶ୍ରୀକ୍ଷେତ୍ରରେ ଦୁଇବର୍ଷ ରଥଯାତ୍ରା । ଆହା ! କ'ଣ ନ ଦେଖିଲା ଏ ନେତ୍ର !

ତେବେ ଏବେ କରୋନା କଟକଣା ଅଧିକାଂଶ ନ ମାନି ସଭାସମିତି, ନାଚଗୀତ, ଭୋଜିଭାତରେ ମାତି କରୋନା ମହାମାରୀକୁ ପାଳିପୋଷି ରଖିଛନ୍ତି । ହେ ବ୍ରହ୍ମଦେବ ! ମର୍ତ୍ତ୍ୟରୁ ସେ ମହାମାରୀ ଆମ୍ଭ ଦ୍ୱାରା ଯେମିତି ସ୍ୱର୍ଗରେ ନ ମାଡୁ । ତା' ଛଡ଼ା ଦୁର୍ଗାପୂଜା, କାଳୀପୂଜାରେ ନଗଦରେ ଯେତେ ମୂର୍ତ୍ତି ବିସର୍ଜନ ହେଲେ, ସେଥିରେ ନଈ ନାଳ ଅବସ୍ଥା ଯାହା ହୋଇଛି, ପୁଣି କାର୍ତ୍ତିକ ପୂନେଇ ପରମ୍ପରାରେ ଡଙ୍ଗାଭସା ହଉ କି କାର୍ତ୍ତିକେଶ୍ୱର ମୂର୍ତ୍ତି ବିସର୍ଜନ ହେଉ, ପ୍ରଦୂଷଣ ଚିନ୍ତାକରି କେତେଜଣ ପର୍ବପାଳନ କରନ୍ତି ? ବରଂ କାଗଜ ଜାତ ଡଙ୍ଗା ଭସା ହୁଅନ୍ତା ହେଲେ । ତା'ଛଡ଼ା ମାନବଦ୍ୱାରା, ପାଣି ପବନଠାରୁ ଆମଠି ଲାଗୁଥିବା ଫଳ, ଘୃତ, ମିଷ୍ଟାନ୍ନାଦି ସବୁ ତ ବିଷଯୁକ୍ତ । ହେ ବ୍ରହ୍ମନ୍ ! ଆମେ ଅମରଲଡୁ ଖାଇଛୁ ବୋଲି କ'ଣ ଆପଣଙ୍କ ଆଦେଶ ମାନି, ମର୍ତ୍ତ୍ୟକୁ ଯାଇ ବିଷାକ୍ତ ପାଣି, ପବନ, ଖାଦ୍ୟ ଖାଇ କଲବଲ ହେବୁ ? ଏପରି ବିଷମୟ ଦ୍ରବ୍ୟ ସେବନ କରି ତାଙ୍କୁ କେଉଁ ଆଶୀର୍ବାଦ ଦେବୁ ? ବରଂ ପୂଜାନାମରେ ଯେଉଁଦିନ ନିୟମ ନିଷ୍ଠା ପାଳନ କରି ଅସଲ ଭକ୍ତି ବିଶ୍ୱାସରେ ଆମର ଆବାହନ ହେବ, ସେତେବେଳେ ଯିବୁ । ଏବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମର ମର୍ତ୍ତ୍ୟଗମନ ବନ୍ଦ ରହୁ । ଟୁର୍ ଅର୍ଡର କ୍ୟାନ୍‌ସଲ ହେଉ ।

ଯେଉଁ ମଣିଷ ଦେଶୀ ଗୋବଂଶ ପଦାକରି ସିମେଣ୍ଟ ଷଣ୍ଢ ପୂଜିବାରେ ବ୍ୟସ୍ତ, ସେ ପରିବେଶ ପ୍ରଦୂଷଣର ମହତ୍ତ୍ୱ କ'ଣ ବୁଝିପାରିବ ? ଅର୍ଥ ପାଗଳ, ପରମାର୍ଥଙ୍କ ଆରାଧନା ଠିକ୍‌ରେ କରିପାରିବ ତ ?

ପଡ଼ିଶା ଘର ସାହୁବାବୁଙ୍କ ପୋଷା ଦଶଟା ହଂସର ସକାଳ କଳରବରେ ମୋ ନିଦ ଭାଙ୍ଗିଗଲା । ଏଇ ହଂସମାନଙ୍କୁ ଦେଖି ଭାବୁଥିଲି, ଅନେକ ପଶୁପକ୍ଷୀ ମାରି ଖାଉଥିବା ମଣିଷର ଜଙ୍ଗଲ ଆଇନ ଅନୁସାରେ କୋଉଦିନ ହୁଏତ ତାଙ୍କ ପଶୁପକ୍ଷୀ ବାହନରେ ମର୍ତ୍ତ୍ୟ ଆଗମନ ବେଳେ ଏ ମଣିଷ ସେମାନଙ୍କୁ ଆଉ ହାଜତ୍ ଭିତରେ ପୂରେଇ ଦବନି ତ ?

*-ମଙ୍ଗରାଜପୁର, ବୀରହରେକୃଷ୍ଣପୁର, ପୁରୀ*
*ମୋ : ୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଜୀବନର ବାଟେଘାଟେ

**ଲେଖିକା-ଭୁବନେଶ୍ୱରୀ ପଣ୍ଡା**
**ପ୍ରକାଶକ-ପେନ୍ ଇନ୍ ବୁକ୍ସ,ଭୁବନେଶ୍ୱର**
**ମୂଲ୍ୟ-୧୯୯ ଟଙ୍କା**

ଜୀବନର ବାଟେଘାଟେ ଭୁବନେଶରୀ ପଣ୍ଡାଙ୍କ ଗଳ୍ପ ସଂକଳନ । ଏଥିରେ ୫୩ଟି ଗପ ପ୍ରକାଶିତ ହୋଇଛି । ଗପର ଚରିତ୍ରଗୁଡ଼ିକୁ ଲେଖିକା ସାମାଜିକ ଜୀବନ ଆଉ ଚଳଣିକୁ ନେଇ ଚମତ୍କାର ଭାବେ ଫୁଟାଇଛନ୍ତି । ସକାଳୁ ସଞ୍ଜଯାଏ ଆମେ ଭେଟୁଥିବା ଗଳଦ୍‌ଘର୍ମ ମଧ୍ୟବିତ୍ ଜୀବନର ଚରିତ୍ରଗୁଡ଼ିକୁ ଗପର ନାୟକ, ନାୟିକା ସଜାଇ ସାରସ୍ୱତ ଉପମା ଓ ଅଳଙ୍କାର ପିନ୍ଧାଇ ଲେଖିକା ପାଠକଙ୍କୁ ବାଢ଼ି ଦେଇଛନ୍ତି । ଗପର ଚରିତ୍ରଗୁଡ଼ିକୁ ପଢ଼ିବା ବେଳେ ଏସବୁ ସହିତ କେଉଁଠି ଭେଟ ହୋଇଥିବ ବୋଲି ମନେହେବ । ଲେଖିକାଙ୍କର ଏହା ପ୍ରଥମ ପୁସ୍ତକ । ସେ ସୂକ୍ଷ୍ମ କାହାଣୀର ଯେଉଁ ସୃଜନ ମହକ ପରଷି ଦେଇଛନ୍ତି, ତାହା ବିଦଗ୍ଧ ପାଠକଙ୍କୁ ଖୋରାକ ଯୋଗାଇବ ।




### ଦିବ୍ୟ ସ୍ତୋତ୍ରାଣି

**ସମ୍ପାଦନା-ପୀତାମ୍ବର ମିଶ୍ର**
**ପ୍ରକାଶକ- ବିଦ୍ୟାପୁରୀ, କଟକ**
**ମୂଲ୍ୟ-୨୫୦ଟଙ୍କା**

ଦିବ୍ୟ ସ୍ତୋତ୍ରାଣି ପୀତାମ୍ବର ମିଶ୍ରଙ୍କ ସମ୍ପାଦିତ ପୁସ୍ତକ । ଏଥିରେ ମୂଳ ସଂସ୍କୃତ ଶ୍ଳୋକ ସହ ଓଡ଼ିଆ ଅର୍ଥ ବୁଝାଯାଇଛି । ସ୍ତବ ବା ସ୍ତୋତ୍ର ଦ୍ୱାରା ନିଜ ଇଷ୍ଟଦେବୀଙ୍କୁ ପ୍ରାର୍ଥନା କରିବା ସନାତନ ଧର୍ମର ପ୍ରଥା । ସାଂସାରିକ ଦୁଃଖ ଜଞ୍ଜାଳରୁ ନିସ୍ତାର ଲାଭ କରିବା ପାଇଁ ମଣିଷର ପ୍ରାଣ ବ୍ୟାକୁଳ ହେଲା ବେଳେ ସେ ନିଜ ଇଷ୍ଟଦେବୀଙ୍କ କୃପା ଲାଭ କରିବା ପାଇଁ ସ୍ତବ ବା ସ୍ତୋତ୍ର ପାଠ କରିଥାଏ । ଏହାଦ୍ୱାରା ସେ ଇଷ୍ଟଦେବୀଙ୍କ କୃପା ଲାଭ କରିବା ସହ ମାନସିକ ଶାନ୍ତି ଲାଭକରେ । ସେହି ଶାନ୍ତି ହିଁ ଦୁର୍ଗମ ଓ ତମସାଚ୍ଛନ୍ନ ସଂସାର ପଥରେ ଆଲୋକ ବର୍ତ୍ତିକା ସଦୃଶ ସାହାଯ୍ୟ କରେ । ଭଗବଦ୍ ଅନୁରାଗୀ, ତପକ୍ଲିଷ୍ଟ ଓ ଆଗ୍ରହୀ ପାଠକମାନଙ୍କର ମନୋବାଞ୍ଛା ପୂର୍ଣ୍ଣ ହେଲେ ସଂକଳକଙ୍କର ଆୟାସସାଧ୍ୟ ଉଦ୍ୟମ ସାର୍ଥକ ହେବ ।




### ମନସ୍ୱିନୀ ମନୋରମା

**ଲେଖକ- ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
**ପ୍ରକାଶନ-ପ୍ରୀତମ୍ ପ୍ରକାଶନ, ଭୁବନେଶ୍ୱର**
**ମୂଲ୍ୟ-୧୫୦ ଟଙ୍କା**

ମନସ୍ୱିନୀ ମନୋରମା ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କର ପ୍ରବନ୍ଧ ପୁସ୍ତକ । ଏଥିରେ ଡ.ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଉପରେ ଲିଖିତ ୧୩ଟି ପ୍ରବନ୍ଧ ସ୍ଥାନିତ ହୋଇଛି । ମଣୀନ୍ଦ୍ର ମନୋରମାଙ୍କ କାବ୍ୟକୃତି ଓ ବିଭିନ୍ନ ବିଷୟକୁ ନେଇ ସୁନ୍ଦର ଆଲୋଚନାମାନ କରିଛନ୍ତି, ତାହା ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ । ମନୋରମାଙ୍କ କବିତା ତୁଳାପରି ନରମ ଓ ଫୁଲପରି କୋମଳ । ସେ ଅନେକ ଅକୁହା କଥା ତାଙ୍କ କବିତା ମାଧ୍ୟମରେ କହିଥାନ୍ତି । ମାଟିଠୁ ଆକାଶ, ଫୁଲଠୁ ଭଅଁର ଓ ନଦୀଠାରୁ ମରୁଭୂମି ତାହା ତାଙ୍କ କବିପଣର ସ୍ୱତନ୍ତ୍ରତା । ଶିଶୁମାନଙ୍କ ପାଇଁ ମଧ୍ୟ ମନୋରମା ଚମତ୍କାର ଲେଖାମାନ ଲେଖିଛନ୍ତି । ପୁସ୍ତକଟି ପାଠକଙ୍କୁ ବାନ୍ଧି ଦେଉ ମାଟି ଆଉ ଆକାଶର ନିବିଡ଼ତା ମଧ୍ୟରେ । ପାଠକଙ୍କ ଶୀତଳ ସ୍ପର୍ଶରେ ଭିଜିଭିଜି ଅଦ୍ଭୁତ ସମୃଦ୍ଧିରେ ଗଜୁରିବ ଏଥିରେ ସନ୍ଦେହ ନାହିଁ ।



# ମରୁଭୂମିରେ ଥିଲା ମୁଭି ଟିଏଟର୍

ପ୍ରାଚୀନ କାଳରୁ ମଣିଷ ଏମିତି କିଛି କାରିଗରି ଓ ନିର୍ମାଣ କରି ଆସିଛି, ଯାହା ସମସ୍ତଙ୍କୁ ଚକିତ କରିଥାଏ। ସେଥିମଧ୍ୟରୁ କିଛି ଭାରି ରହସ୍ୟମୟ ମଧ୍ୟ ଲାଗେ। ସେମିତି ଏକ ବିସ୍ମୟକର ନିର୍ମାଣ ହେଉଛି ମରୁଭୂମିରେ ଥିବା ଏକ ମୁଭି ଥିଏଟର। ସାରା ପୃଥିବୀରେ ଅନେକ ମୁଭି ଥିଏଟର୍ ଅଛି। ହେଲେ ଏହା ସମ୍ପୂର୍ଣ୍ଣ ଅଲଗା। କାରଣ ଏହାକୁ ମିସରର ସିନାଇ ଦ୍ୱୀପର ଦକ୍ଷିଣରେ ଥିବା ମରୁଭୂମି ମଝିରେ ତିଆରି କରାଯାଇଥିଲା। ଏହା ଏକ ଖୋଲା ମୁଭିଥିଏଟର୍। ମରୁଭୂମି ମଝିରେ ଏପରି ମୁଭିଥିଏଟର ସମସ୍ତଙ୍କୁ ବେଶ୍ ଅଜବ ଲାଗେ। ତେବେ ଏହାର ଏକ ଖାସ୍ କଥା ହେଉଛି ଏହାକୁ ତିଆରି କରାଯାଇଛି ସତ, ହେଲେ ଏଥିରେ କେବେ କୌଣସି ମୁଭି ପ୍ରଦର୍ଶିତ ହୋଇନାହିଁ। କେବଳ ଏହାକୁ ତିଆରି କରି ଛାଡ଼ି ଦିଆଯାଇଛି, ଯାହା କି ବର୍ଷ ବର୍ଷ ଧରି ବ୍ୟବହାର ନ ହେବାରୁ ଧ୍ୱଂସାଭିମୁଖୀ ହୋଇଗଲାଣି। ଏଠି ଆଜି ବି ଦର୍ଶକଙ୍କ ପାଇଁ ଥିବା ଚେୟାର ଧାଡ଼ି ଧାଡ଼ି ହୋଇ ଥିବାର ଦେଖିବାକୁ ମିଳେ। କୁହାଯାଏ ଏହାକୁ ଫ୍ରାନ୍ସର ଜଣେ ବ୍ୟକ୍ତି ତିଆରି କରିଥିଲେ। ଏହି ବ୍ୟକ୍ତିଙ୍କ ପାଖରେ ଅପାର ଧନ ଥିଲା, ଯାହାକୁ ସେ ବର୍‌ବାଦ କରିବାକୁ ଚାହୁଁଥିଲା। ଦିନେ ସେ ନିଜ ସାଙ୍ଗମାନଙ୍କ ସହ ସିନାଇ ମରୁଭୂମି ବୁଲିଯାଇଥିଲେ। ତାଙ୍କୁ ଅନୁଭୂତ ହେଲା ଏହି ଖାଲି ମରୁଭୂମି ଭିତରେ ଏକ ମୁଭିଟିଏଟର ହେଲେ ଭଲ ଲାଗିବ। ତେଣୁ ସେ କାଇରୋରୁ ଶହ ଶହ ଚେୟାର, ଏକ ଜେନେରେଟର ଓ ଏକ ବଡ଼ ସ୍କ୍ରିନ୍ ଆଣି ଏଠାରେ ଉକ୍ତ ଥିଏଟର୍ ତିଆରି କରାଇଥିଲେ। ଥିଏଟର୍ ଓପନିଂ ପାଇଁ ସବୁ ପ୍ରସ୍ତୁତି ସରି ଥିଲା। ହେଲେ ସ୍ଥାନୀୟ ଲୋକେ ଏହାକୁ ପସନ୍ଦ କଲେ ନାହିଁ। ଆଉ ସେମାନେ ଜେନେରେଟରକୁ ଭାଙ୍ଗିଦେଲେ। ତେଣୁ ସେବେଠାରୁ ଏଠାରେ କୌଣସି ମୁଭି ପ୍ରଦର୍ଶିତ ହୋଇନାହିଁ।



ବ୍ୟାକ୍ ପେଜ୍













# କୁକୁରର ଠାଟ୍‌ବାଟ୍

ରୋମାନିୟାର ଏକ କୁକୁର ଏବେ ବେଶ୍ ଚର୍ଚ୍ଚାରେ ଅଛି। ଚର୍ଚ୍ଚାର କାରଣ ହେଉଛି ଏହାର ଠାଟ୍ ବାଟ୍। ଡିଜାଇନର୍ ପୋଷାକକୁ ଷ୍ଟାଇଲିସ୍ ସନ୍‌ଗ୍ଲାସ୍ ତା'ସାଙ୍ଗକୁ ମ୍ୟାଚିଂ ସୁଜ୍। କୁକୁର ନୁହେଁ ତ ପୂରା ରକ୍ ଷ୍ଟାର୍ ଭଳି ଦେଖାଯାଏ। ବିସ୍କିଟ୍ ନାମକ ଏହି କୁକୁରର ୱାର୍ଡରୋବ୍‌ରେ ଭଳିକି ଭଳି ଜୋତାର କଲେକ୍ସନ, ଭିନ୍ନ ଭିନ୍ନ ଡିଜାଇନ୍‌ର ସନ୍‌ଗ୍ଲାସ୍, ହ୍ୟାଟ୍ ସହ ଷ୍ଟାଇଲିସ ପୋଷାକ ରହିଛି। ଏସବୁ ପାଇଁ ତା'ର ମାଲିକ ଲାଭି ରୋଜ୍ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଲାଭି ରୋଜ କହନ୍ତି, 'ମୋ ପାଖରେ ବି ଏତେ ଜୋତା ନାହିଁ ଯେତିକି ବିସ୍କିଟ୍ ପାଖରେ ଅଛି। ୫ ବର୍ଷର ବିସ୍କିଟ୍ ପାଖରେ ୪୩ ଯୋଡା ଜୋତା, ୪୭ ଯୋଡା ସନ୍‌ଗ୍ଲାସ୍ ଅଛି, ଯାହାକୁ ଏକ ବଡ ୱାର୍ଡରୋବ୍‌ରେ ସାଇତି ରଖାଯାଇଛି। ବିସ୍କିଟ ବହୁତ ଆଜ୍ଞାକାରୀ। ତାକୁ ଯାହା କହେ ସେ ମାନିଥାଏ। ତା'ର ଇନଷ୍ଟାଗ୍ରାମ ଓ ଟିକ୍‌ଟକ୍‌ରେ ଆକାଉଣ୍ଟ ଅଛି। ଯେଉଁଠି ତା'ର ବହୁତ ଫଲୋୟର ଅଛନ୍ତି।'

# ୪ କି.ଗ୍ରା.ର ନିମନ୍ତ୍ରଣ ପତ୍ର

ବାହାଘରେ ନିମନ୍ତ୍ରଣ ପତ୍ର ସମସ୍ତେ ଛପାନ୍ତି। ନିଜ ପସନ୍ଦ ଓ ସକ୍ଷମ ମୁତାବକ ଭିନ୍ନ ଭିନ୍ନ ପ୍ରକାରର କାର୍ଡ ଛପାଯାଏ। ହେଲେ କେବେ ୪ କି.ଗ୍ରା. ଓଜନର ନିମନ୍ତ୍ରଣ ପତ୍ର ସମ୍ପର୍କରେ ଶୁଣିଛନ୍ତି? ଗୁଜରାଟର ବ୍ୟବସାୟୀ ମୁଲେଶ ଭାଇ ନିଜ ପୁଅ ବିବାହରେ ୪ କି.ଗ୍ରା. ନିମନ୍ତ୍ରଣ ପତ୍ର ଛପାଇ ଚର୍ଚ୍ଚାକୁ ଆସିଛନ୍ତି। ଏହି କାର୍ଡ ଦେଖିବାକୁ ବହୁତ ସୁନ୍ଦର। ହାଲ୍କା ଗୋଲାପୀ ରଙ୍ଗର ଏହି ନିମନ୍ତ୍ରଣ ପତ୍ର ଦେଖିବାକୁ ଏକ ବକ୍ସ ପରି। ଏହାକୁ ଖୋଲିଲେ ଭିତରେ ରେଶମୀ କପଡ଼ାରେ ଚାରୋଟି ଛୋଟ ଛୋଟ ବାକ୍ସ ଦେଖିବାକୁ ମିଳିବ। ସେହି ଛୋଟ ବାକ୍ସରେ ଡ୍ରାଏ ଫ୍ରୁଟ୍ ଯେମିତି କି କାଜୁ, କିସ୍‌ମିସ୍, ବାଦାମ ଓ ଚକୋଲେଟ୍ ରଖାଯାଇଥାଏ। ଏହା ତଳେ ୭ ପୃଷ୍ଠା ସମ୍ବଳିତ ତିନି ଦିନର ବିବାହ କାର୍ଯ୍ୟକ୍ରମ ଥିବା ସୂଚୀ ରହିଛି। ଉକ୍ତ ନିମନ୍ତ୍ରଣ ପତ୍ରର ଠିକ୍ ଓଜନ ୪ କି.ଗ୍ରା. ୨୮୦ ଗ୍ରାମ୍ ଅଟେ। କାର୍ଡର ମୂଲ୍ୟ ୭ ହଜାର ଟଙ୍କା। ଆଉ ବିବାହ ରାଜସ୍ଥାନର ଯୋଧପୁରରେ ହେଉଛି। ମୁଲେଶ ଭାଇଙ୍କର ଭଗବାନ ଶ୍ରୀ କୃଷ୍ଣଙ୍କ ଉପରେ ବହୁତ ଆସ୍ଥା ରହିଛି। ତେଣୁ କାର୍ଡରେ ଶ୍ରୀକୃଷ୍ଣଙ୍କର ଛବି ଦେଖିବାକୁ ମିଳେ।



